# ସର୍ବହରା କ୍ରାନ୍ତି

ସୋସାଲିଷ୍ଟ ୟୁନିଟି ସେଣ୍ଟର ଅଫ୍ ଇଣ୍ଡିଆ(କମ୍ୟୁନିଷ୍ଟ) ● ଓଡ଼ିଆ ମୁଖପତ୍ର - ପାକ୍ଷିକ ● ପୂର୍ବତନ ମୁଖ୍ୟ ସମ୍ପାଦକ-କମ୍ରେଡ୍ ତାପସ ଦତ୍ତ● ମୂଲ୍ୟ-୫ଟଙ୍କା

VOL NO. - 11, ISSUE NO. - 19, DATE : 15.12.2024 - 31.12.2024 FORTNIGHTLY (ODIA), BHUBANESWAR. PAGES-08


## ଆଦାନୀ ଲାଞ୍ଚ କାରବାର : ଏକଚାଟିଆ ପୁଞ୍ଜି ସାଙ୍ଗରେ ଶାସକ ଦଳର ଗୋପନ ମେଣ୍ଟର ଫଳ

ପୁଞ୍ଜିର ଇତିହାସ ଯେ ଚୋରି ଓ ପ୍ରତାରଣାର ଇତିହାସ ଏହାକୁ ଭାରତୀୟ ଶୀର୍ଷ ପୁଞ୍ଜିପତି ଗୌତମ ଆଦାନି ପୁଣିଥରେ ପ୍ରମାଣିତ କଲେ।

ସଂପ୍ରତି ଆମେରିକାର ସେୟାର ବଜାର ନିୟନ୍ତ୍ରକ ସଂସ୍ଥା ଏସ୍.ଇ.ସି(ସିକ୍ୟୁରିଟିଜ୍ ଏଣ୍ଡ ଏକ୍‌ଚେଞ୍ଜ କମିଶନ) ପକ୍ଷରୁ ଗୌତମ ଆଦାନୀ ଓ ତାଙ୍କ ପୁତୁରା ଏବଂ ସହଯୋଗୀମାନଙ୍କ ବିରୁଦ୍ଧରେ ଭାରତର ବିଭିନ୍ନ ରାଜ୍ୟରେ ଚଢା ଦରରେ ସୌରବିଦ୍ୟୁତ ବିକିବାର ଠିକା ପାଇବାପାଇଁ ୨୨ଶହ କୋଟି ଟଙ୍କା ଲାଞ୍ଚ ଦେବାର ଅଭିଯୋଗ କରାହୋଇଛି। ଏହାର ଗୁରୁତ୍ୱକୁ ଉପଲବ୍ଧକରି ଆମେରିକୀୟ ଅଦାଲତ ତାଙ୍କ ବିରୁଦ୍ଧରେ ଗିରଫ ପରଓ୍ୱାନା ଜାରି କରିଛନ୍ତି।

ଆଦାନି ଗ୍ରୁପ ବିରୁଦ୍ଧରେ ଅଭିଯୋଗ ହେଉଛି, ଆଦାନି ଗ୍ରୀନ ସଂସ୍ଥା, କେନ୍ଦ୍ରର ରାଷ୍ଟ୍ରାୟତ୍ତ ସଂସ୍ଥା ସୋଲାର ଏନର୍ଜି କରପୋରେସନ୍ ସହିତ ୧୨ ଗିଗାଓ୍ୱାଟ୍ ସୌର ବିଦ୍ୟୁତ ବିକ୍ରି ପାଇଁ ଚୁକ୍ତି କରିଥିଲେ। କିନ୍ତୁ ଆଦାନି ଗ୍ରୁପର ବିଦ୍ୟୁତର ଦାମ ବଜାର ଦରଠୁ ଅଧିକ ହୋଇଥିବାରୁ ରାଜ୍ୟମାନଙ୍କରେ ଥିବା ବିଦ୍ୟୁତ ବଣ୍ଟନ ସଂସ୍ଥାଗୁଡିକରୁ କରପୋରେସନ୍ କ୍ରେତା ପାଇଲା ନାହିଁ। ଫଳରେ ଆଦାନି ନିଜେ ମୈଦାନକୁ ଓହ୍ଲାଇଲା। ଆଦାନି ଏବଂ ତାଙ୍କ ସଂସ୍ଥାର କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କର ପଦାଧିକାରୀମାନଙ୍କୁ ବ୍ୟକ୍ତିକତ ଭାବେ ସାକ୍ଷାତ କରି ଉଚ୍ଚଦରରେ ବିଦ୍ୟୁତ କିଣିବାକୁ ରାଜି କରାଇଲେ। ଏଥିପାଇଁ ପ୍ରାୟ ୨୨ଶହ କୋଟି ଟଙ୍କାର ଲାଞ୍ଚ କାରବାର ହୋଇଛି ବୋଲି ଚାର୍ଜସିଟ୍‌ରେ ଦାବି କରାହୋଇଛି। ଏହି ଚୁକ୍ତିରୁ ଆଦାନି ଗ୍ରୁପ ଆଗାମୀ କୋଡିଏ ବର୍ଷରେ ଦୁଇଶହ କୋଟି ଡଲାର ମୁନାଫା ଲୁଟିବାର ପରିକଳ୍ପନା କରିଥିଲେ। ଜାମ୍ମୁକାଶ୍ମୀର, ଛତିଶଗଡ, ଓଡିଶା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଉଚ୍ଚ ଦରରେ ବିଦ୍ୟୁତ ବିକ୍ରି କରିବାର ବରାଦ ଆଦାନି ଗୋଷ୍ଠୀ ପାଇଛି। ବର୍ତ୍ତମାନ ରାଜସ୍ଥାନ ଓ ମହାରାଷ୍ଟ୍ରର ବିଜେପି ସରକାର ଆଦାନି ଗୋଷ୍ଠିସାଙ୍ଗରେ ଏହି ପ୍ରକାର ଚୁକ୍ତି କରିଛନ୍ତି ବୋଲି ଅଭିଯୋଗ ହେଉଛି।

କିନ୍ତୁ ମାର୍କିନ ଅଦାଲତ ଏଭଳି ପଦକ୍ଷେପ କାହିଁକି ନେଉଛି ? କାରଣ ଆଦାନି ଗୋଷ୍ଠୀ ଏହି ପ୍ରକଳ୍ପ ପାଇଁ ଆମେରିକାର ଗୋଟିଏ ସଂସ୍ଥା ସାଙ୍ଗରେ ଯୌଥଭାବେ ଆମେରିକାର ବ୍ୟାଙ୍କ ଓ ଲଗ୍ନକାରୀ ସଂସ୍ଥାଠାରୁ ତିନିଶହ କୋଟି ଡଲାର ସଂଗ୍ରହ କରିଛନ୍ତି। ଆମେରିକାରୁ ପୁଞ୍ଜି ସଂଗ୍ରହ କରିବା ସମୟରେ ଆଦାନି ଏହି ଲାଂଚ କାରବାର ବିଷୟ ଗୋପନ କରିଥିଲେ ଯାହା ଆମେରିକାର ଆଇନରେ ପ୍ରତାରଣା ବୋଲି ଗଣ୍ୟ। ଆମେରିକାର ଆଇନ ଅନୁସାରେ ବିଦେଶୀ ଦୁର୍ନିତୀ ସହିତ ଆମେରିକାର ବଜାର ବା ଲଗ୍ନକାରୀଙ୍କର ନିର୍ଦ୍ଦିଷ୍ଟ ସଂଯୋଗ ଥଲେ, ତଦନ୍ତ କରି ଶାସ୍ତି ଦିଆଯାଇ ପାରେ। ସେଥିପାଇଁ ଏହି ଗିରଫ ପରଓ୍ୱାନା ଜାରି ହୋଇଛି।

ଆଦାନି ବିରୁଦ୍ଧରେ ଏତେବଡ ଅଭିଯୋଗ ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଚୁପ ରହିଛନ୍ତି କାହିଁକି ? ଏହାର ପ୍ରତିବାଦ କାହିଁକି କରୁନାହାନ୍ତି କିମ୍ବା ତଦନ୍ତ ନିର୍ଦ୍ଦେଶ ଦେଉନାହାନ୍ତି ? 'ନା ଖାଉଙ୍ଗା ନା ଖାନେ ଦୁଙ୍ଗା' ପ୍ରତିଶୃତି କଣ ଏକ ଜୁମଲା ଓ ଲୋକ ଦେଖାଣିଆ ସ୍ଲୋଗାନ ? ବିଜେପିର କେହି କେହି ମନ୍ତ୍ରୀ ଏହାକୁ ବିଦେଶୀ ଷଡଯନ୍ତ୍ର, ଦେଶର ଅର୍ଥନୀତିକୁ ଦୁର୍ବଳ କରିବାକୁ ପ୍ରେରିତ ବୋଲି କହୁଛନ୍ତି। ଏହି ଅଭିଯୋଗ ପଛରେ ଯଦି ବାସ୍ତବରେ ବିଦେଶୀ ଷଡଯନ୍ତ୍ର ଥାଏ ତାହା ଦେଶର ଜନତାଙ୍କ ସମ୍ମୁଖରେ ତଦନ୍ତ କରି ସରକାର ଉନ୍ମୋଚିତ କରୁନାହାନ୍ତି କାହିଁକି ? କେବଳ ସଫେଇ ଦେଉଛନ୍ତି ଯେ, ୨୦୨୦-୨୨ ମସିହାରେ ଯେତେବେଳେ ଆଦାନି ଗୋଷ୍ଠୀ ସହିତ ରାଜ୍ୟଗୁଡିକର ସୌର ବିଦ୍ୟୁତ ସରବରାହ ଚୁକ୍ତି ହୋଇଥିଲା ସେତେବେଳେ ଛତିଶଗଡର କଂଗ୍ରେସ ସରକାର, ତାମିଲନାଡୁରେ ଡିଏମ୍‌କେ ସହିତ କଂଗ୍ରେସ ମିଳିତ ସରକାର, ଆନ୍ଧ୍ରପ୍ରଦେଶର ଓ୍ୱାଇଏସ୍‌ଆର ସରକାର ଓ ଓଡିଶାର ବିଜେଡି ସରକାର ଥିଲା। କିନ୍ତୁ ବିଜେପି ନେତାମାନେ ଏକଥା କହୁନାହାନ୍ତି ଯେ ଓ୍ୱାଇଏସ୍‌ଆର ଓ ବିଜେଡି ତାଙ୍କର ବନ୍ଧୁ ସରକାର ଭାବେ କାର୍ଯ୍ୟ କରୁଥିଲେ। ଜାମ୍ମୁକାଶ୍ମୀରରେ ତ ଲେଫ୍ଟନାଣ୍ଟ ଗଭର୍ଣ୍ଣରଙ୍କ ଜରିଆରେ ଏକ ପ୍ରକାର ବିଜେପିର ହିଁ

ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ

## 'ନ୍ୟାୟ ଦେବୀ'ଙ୍କର ଆଖିରୁ ଅନ୍ଧପୁଟୁଳି ଖୋଲିଲେ କ'ଣ ବିଚାର ବିଭାଗର ଅନ୍ଧତ୍ୱ ଦୂର ହେବ ?

ସୁପ୍ରିମକୋର୍ଟରେ ବିଚାରପତି ମାନଙ୍କପାଇଁ ଉଦ୍ଦିଷ୍ଟ ଗ୍ରନ୍ଥାଗାରରେ 'ନ୍ୟାୟ ଦେବୀ'ଙ୍କ ନୂଆ ମୂର୍ତ୍ତି ପ୍ରତିଷ୍ଠିତ ହୋଇଛି। ହିନ୍ଦୁ ଦେବୀଙ୍କ ଭଳି ମୁକୁଟ ପରିହିତା ଏହି ନୂଆ ମୂର୍ତ୍ତିର ଆଖି ଖୋଲା ରହିଛି। ମୂର୍ତ୍ତିର ଗୋଟିଏ ହାତରେ ରହିଛି ନ୍ୟାୟ ବିଚାରର ତରାଜୁ ଏବଂ ଅନ୍ୟହାତରେ ସମ୍ବିଧାନ। ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଡି.ଓ୍ୱାଇ ଚନ୍ଦ୍ରଚୂଡ ଅବସର ଗ୍ରହଣ କରିବାର ଅଳ୍ପ ଦିନପୂର୍ବରୁ ଏହି ମୂର୍ତ୍ତି ଉନ୍ମୋଚନ କରି କହିଥିଲେ ଅଦାଲତ ଓ ଏହାର ବିଚାରର ନିରପେକ୍ଷେତା ସଂପର୍କିତ ଧାରଣାକୁ ନୂଆକରି ପରିଭାଷିତ କରିବାପାଇଁ ଏହି ନୂତନ ମୂର୍ତ୍ତିର ପରିକଳ୍ପନା କରାଯାଇଛି। ସେ ଆହୁରି କହିଥିଲେ ଆଇନ ଦୃଷ୍ଟିହୀନ ନୁହେଁ, ଆଇନ ସମସ୍ତଙ୍କୁ ସମାନ ଆଖିରେ ଦେଖେ। ସେଥିପାଇଁ 'ନ୍ୟାୟ ଦେବୀ'ଙ୍କ ଆଖିରୁ ଅନ୍ଧପୁଟୁଳି ହଟାଇ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ପୂର୍ବରୁ 'ନ୍ୟାୟଦେବୀ' ଭାବରେ ପରିକଳ୍ପିତ ମୂର୍ତ୍ତିର ଆଖିରେ କଳାପଟି ବନ୍ଧା ହୋଇଥିଲା, ମୂର୍ତ୍ତିର ଗୋଟିଏ ହାତରେ ଥିଲା ନ୍ୟାୟ ବିଚାରର ତରାଜୁ ଅନ୍ୟହାତରେ ତରବାରୀ। ଏହି ମୂର୍ତ୍ତିର ତାତ୍ପର୍ଯ୍ୟ ଥିଲା, ବାଦି-ବିବାଦି କାହାରିକୁ ମୁହଁ ନଚାହିଁ ବିଚାରପତି ପକ୍ଷପାତହୀନ ରାୟ ପ୍ରଦାନ କରିବେ।

ନୂତନ ନ୍ୟାୟ ଦେବୀଙ୍କ ମୂର୍ତ୍ତି ପ୍ରତିଷ୍ଠାକୁ କେହି କେହି ବିଚାରପତି ଚନ୍ଦ୍ରଚୂଡଙ୍କର ଅଭିନବ କୀର୍ତ୍ତିଭାବରେ ବିଚାର କରୁଛନ୍ତି। ନ୍ୟାୟ ଦେବୀଙ୍କ ମୂର୍ତ୍ତି ପ୍ରତିଷ୍ଠାର ଇତିହାସ ଯାହାବି ହେଉ, ଆଖିରେ ପଟିବନ୍ଧା ଓ ଆଖି ଖୋଲା ମୂର୍ତ୍ତିର ତାତ୍ପର୍ଯ୍ୟ ଯାହାବି ହେଉ ସେହି ଆଲୋଚନାରେ ପ୍ରବେଶ ନକରି ଯେଉଁ ପ୍ରଶ୍ନ ସ୍ୱାଭାବିକ ଭାବରେ ମନକୁ ଆନ୍ଦୋଳିତ କରୁଛି, ତା'ହେଲା, ପ୍ରକୃତରେ କ'ଣ ଆମ ଦେଶରେ ଆଇନ ସମସ୍ତଙ୍କୁ ସମାନ ଆଖିରେ ଦେଖେ ? ଆଇନ ଆଖିରେ ପ୍ରକୃତରେ କ'ଣ ସମସ୍ତେ ସମାନ ?

ନିରପେକ୍ଷ ନ୍ୟାୟ ବିଚାରର ପ୍ରତୀକ ଭାବରେ ପରିଗଣିତ ନ୍ୟାୟ ଦେବୀଙ୍କର ଏହି ମୂର୍ତ୍ତି ଆଗରେ ବସି ବିଚାରପତିମାନେ ରାୟ ପ୍ରକାଶ କରନ୍ତି, ବିଚାରପ୍ରାର୍ଥିମାନେ ମଧ୍ୟ ବିଚାରପତି ମାନଙ୍କଠାରୁ ନ୍ୟାୟ ବିଚାର ଆଶା କରନ୍ତି। ମାତ୍ର ଏ କ୍ଷେତ୍ରରେ ନିରପେକ୍ଷତାର ଅର୍ଥ କ'ଣ ? ଏଠାରେ ସ୍ମରଣ ରଖିବା ଆବଶ୍ୟକ ଯେ, ଯେଉଁ ଆଇନସଭା ବା ସଂସଦରେ ଆଇନ ପ୍ରସ୍ତୁତ ହୁଏ ସେହି ସଂସଦ ହେଉଛି ଗୋଟିଏ ବିଶେଷ ଶ୍ରେଣୀ ରାଷ୍ଟ୍ରର ଅଙ୍ଗ। ସୁତରାଂ ଆଇନ ସେହି କ୍ଷମତାସୀନ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ହିଁ ପ୍ରଣୀତ ହୁଏ। ସେଥିପାଇଁ ଉନ୍ନୟନର ନାମରେ କୃଷକମାନଙ୍କ ଉପରେ ପଶୁବଳ ପ୍ରୟୋଗକରି ଚାଷ ଜମି ଓ ଭିଟାମାଟିରୁ ଉଚ୍ଛେଦ କରାଗଲେ ତା' ଆଇନ ସମ୍ମତ ହୁଏ। ୮ଘଣ୍ଟା ପରିବର୍ତ୍ତେ ମାଲିକମାନେ ଶ୍ରମିକକୁ ୧୦ରୁ୧୨ଘଣ୍ଟା ଖଟେଇଲେ ବି ତାହା ଆଇନ ସମ୍ମତ। ସେହିଭଳି ଦେଶର ସମଗ୍ର ଶ୍ରମିକ ଶ୍ରେଣୀକୁ ଏହାର ସମସ୍ତ ଅଧିକାରରୁ ବଂଚିତ କରୁଥିବା ଶ୍ରମକାର୍ଡ ମଧ୍ୟ ବିଚାରପତିମାନଙ୍କ ଆଖିରେ ନ୍ୟାୟ ସଂଗତ। ମୂଲ୍ୟବୃଦ୍ଧି, ବେକାରୀରେ ଜର୍ଜରିତ ସମାଜର ସଂଖ୍ୟାଗରିଷ୍ଠ ଜନସାଧାରଣ ହାହାକାର କରୁଥିବାବେଳେ ମାନ୍ୟବର ନ୍ୟାୟମୂର୍ତ୍ତିମାନେ ନିରବ।

ଫଳରେ ବିଚାରପତିମାନେ ଯାହା କହିଲେ ମଧ୍ୟ ଆଇନକୁ ସଂଖ୍ୟାଗରିଷ୍ଠ

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

## ଆଜି ମଧ୍ୟ ଅମଳିନ
## ଶହୀଦ ବିର୍ଶାମୁଣ୍ଡାଙ୍କ ସଂଗ୍ରାମୀ ସ୍ମୃତି



୧୫ ନଭେମ୍ବର ହେଉଛି ପରାଧିନ ଭାରତର ବ୍ରିଟିଶ ସରକାର ସେମାନଙ୍କ ସହଯୋଗୀ ଜମିଦାର, ମହାଜନମାନଙ୍କ ବିରୁଦ୍ଧରେ ଆଦିବାସୀମାନଙ୍କ ସହ ସହିତ ଛୋଟନାଗପୁରର ବିସ୍ତୀର୍ଣ୍ଣ ଇଲାକାର ଖଟିଖିଆ ମଣିଷର ବିଦ୍ରୋହ ଉଲଗୁଲାନ୍‌ର ନେତା ଶହୀଦ ବିର୍ଶାମୁଣ୍ଡାଙ୍କ ୧୫୦ତମ ଜନ୍ମଦିନ। ଅଲ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟିର ଉଦ୍ୟୋଗର ତ୍ରିପୁରା, ଆସାମ, ପଶ୍ଚିମବଙ୍ଗ, ବିହାର, ଝାରଖଣ୍ଡ, ଓଡିଶା, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ଗୁଜୁରାଟ ପ୍ରଭୃତି ରାଜ୍ୟ ସହ ସାରା ଦେଶରେ ଏହି ଦିନଟି ବିପୁଳ ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ପାଳିତ ହୋଇଛି।

ବିର୍ଶା ମୁଣ୍ଡାଙ୍କ ଜୀବନ ସଂଗ୍ରାମ, ତାଙ୍କ ଅଭ୍ୟୁତ୍‌ଥାନର ପଟ୍ଟଭୂମି ଆଲୋଚନା କରିବାକୁ ଯାଇ କମିଟିର ସାଧାରଣ ସଂପଦକୁ ବିଶ୍ୱମ୍ବର ମୁଣ୍ଡା ଭାରତବର୍ଷରେ ବ୍ରିଟିଶ ଶାସନର ପ୍ରଥମ ଯୁଗଠାରୁ ଜଙ୍ଗଲମହଲ, ଛୋଟନାଗପୁର, ରାଜମହଲ, ଭାଗଲପୁର ପ୍ରଭୃତି ଅଂଚଳକୁ ନେଇ ଗଢି ଉଠିଥିବା ଆଦିବାସୀ ଓ ଶୋଷିତ ମଣିଷର ବିଦ୍ରୋହର କଥା ଉପସ୍ଥାପନ କରଥିଲେ। ବିଦ୍ରୋହଗୁଡିକ ମଧ୍ୟରେ ଜଙ୍ଗଲମହଲ ୧୭୬୭ଠାରୁ ୧୮୦୯ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଗଢିଉଠିଥିବା ଚୁୟାଡ ବିଦ୍ରୋହ ୧୯୩୨-୩୩ ମସିହାର ଭୂମି ବିଦ୍ରୋହ, କୋଲହାନର ୧୮୩୬-୩୭ର ହୋ ବିଦ୍ରୋହ, ୧୮୩୧-୩୨ ମସିହାରେ ଛୋଟନାଗପୁରର କୋଲ ବିଦ୍ରୋହ ଅନ୍ୟତମ। ଅନ୍ୟଦିଗରେ ରାଜମହଲ ଅଂଚଳର ୧୭୭୧ ମସିହା ପାହାଡିଆ ବିଦ୍ରୋହ, ଭାଗଲପୁର ୧୭୮୪-୮୫ ମସିହାରେ ତଲ୍‌କା ମାଝିଙ୍କ ନେତୃତ୍ୱରେ ସାନ୍ତାଳ ଜନଗୋଷ୍ଠୀ ବିଦ୍ରୋହ, ୧୮୫୫-୫୬ ମସିହା ଦାମିନ-ଇ-କେହ(ବର୍ତ୍ତମାନ ସାନ୍ତାଳ ପ୍ରଗଣା) ଅଂଚଳର ସାନ୍ତାଳ ବିଦ୍ରୋହ ପ୍ରଭୃତି।

ଉଲ୍ଲେଖଯୋଗ୍ୟ, ସିଦ୍ଧୁ-କାହ୍ନୁଙ୍କ ନେତୃତ୍ୱରେ ହଜାର ହଜାର ସାନ୍ତାଳ ଅନ୍ୟାନ୍ୟ ଆଦିବାସୀ ଓ ଗରିବ ଶୋଷିତ ମଣିଷଙ୍କ ମହାବିଦ୍ରୋହ 'ହୁଲ' ସଂଘଟିତ ହୋଇଥିଲା।

(ଅବଶିଷ୍ଟାଂଶ ୨ୟ ପୃଷ୍ଠାରେ)


ଭିତର ପୃଷ୍ଠାରେ

- ★ ସମଗ୍ର ଦେଶର ନିଃଶବ୍ଦରେ ସ୍କୁଲ ବନ୍ଦ କରିବା ପ୍ରକ୍ରିୟା ଚାଲିଛି
- ★ ଆଳୁର ମୂଲ୍ୟବୃଦ୍ଧି ଗରିବ ଲୋକଙ୍କ ଆହାରରେ ପ୍ରହାର
- ★ ଝାଡଖଣ୍ଡରେ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ ଖୋଜି ପାଇଲା ନାହିଁ ବିଜେପି

# ସମଗ୍ର ଦେଶରେ ନିଃଶବ୍ଦରେ ସ୍କୁଲ ବନ୍ଦ କରିବା ପ୍ରକ୍ରିୟା ଚାଲିଛି

ବ୍ରିଟିସ ଶାସିତ ଭାରତରେ ସାଧାରଣ ଲୋକମାନଙ୍କ ମଧ୍ୟରେ ଶିକ୍ଷାର ବିସ୍ତାର ପାଇଁ ସେ ଯୁଗର ମନୀଷୀମାନେ ଉଦ୍ୟମ କରିଯାଇଛନ୍ତି। ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ସମଗ୍ର ଅବିଭକ୍ତ ବଙ୍ଗପ୍ରଦେଶରେ ବହୁ ବିଦ୍ୟାଳୟ ସ୍ଥାପନ କରିଥିଲେ। ମହାତ୍ମା ଜ୍ୟୋତିରାଓ ଫୁଲେ ମହାରାଷ୍ଟ୍ରରେ ଦଳିତ ସଂପ୍ରଦାୟର ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ସ୍ଥାପନ କରିଥିଲେ। ଏହି ଧରଣର ଗୋଟିଏ ବିଦ୍ୟାଳୟରେ ଶିକ୍ଷାଦାନ କରିବାକୁ ଯାଇ ସାବିତ୍ରୀ ବାଈ ଫୁଲେ ପ୍ରତିଦିନ ଅବମାନନାର ଶୀକାର ହେଉଥିଲେ। ଇଂରେଜମାନଙ୍କ ଦ୍ୱାରା ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ପ୍ରତ୍ୟାଖାନ କରି ପରାଧୀନ ଭାରତର ସ୍ୱାଧୀନତା ସଂଗ୍ରାମୀମାନେ 'ଜାତୀୟ ଶିକ୍ଷା ଆନ୍ଦୋଳନ'ର ଆହ୍ୱାନ ଦେଇଥିଲେ ଏବଂ ସମଗ୍ର ଦେଶରେ ଶିକ୍ଷାର ପ୍ରସାର, ସ୍ୱାଧୀନତା ଆନ୍ଦୋଳନର ଏକ ଅବିଚ୍ଛେଦ ଅଙ୍ଗରେ ପରିଣତ ହୋଇଥିଲା। ଆମ ରାଜ୍ୟରେ ମଧ୍ୟ ସତ୍ୟବାଦୀ ବନ ବିଦ୍ୟାଳୟ ମାଧ୍ୟମରେ ଏହାର ପ୍ରତିଫଳନ ଆମେ ଦେଖିବାକୁ ପାଇଛୁ। ଏହି ଆହ୍ୱାନ ଫଳରେ ସମଗ୍ର ଦେଶରେ ସାଧାରଣ ଲୋକ ବିଦ୍ୟାଳୟ ସ୍ଥାପନ ପାଇଁ ଜମି ଓ ଅର୍ଥ ଯୋଗାଇ ଦେଇଥିଲେ। ଏହିଭଳି ଭାବରେହିଁ ସମଗ୍ର ଦେଶରେ ଶିକ୍ଷା ଭିତ୍ତିଭୂମି ଗଢିଉଠିଥିଲା। ମାତ୍ର ଆଜି ଜଗତିକରଣ ଯୁଗରେ ଦେଶର ଶାସକମାନେ ଶିକ୍ଷାକୁ ପଣ୍ୟରେ ପରିଣତ କରିଛନ୍ତି। ଏହାର ଫଳଶୃତିରେ ସରକାରୀ ସ୍କୁଲଗୁଡିକୁ ବନ୍ଦକରି ଘରୋଇ ସ୍କୁଲ ଚାଲୁକରିବା ସମଗ୍ର ଦେଶରେ ସରକାରମାନଙ୍କର ଲକ୍ଷ୍ୟରେ ପରିଣତ ହୋଇଛି। ଏହି ଲକ୍ଷ୍ୟପୂରଣ କରିବାପାଇଁ ସମଗ୍ର ଦେଶରେ ନିଃଶବ୍ଦରେ ପ୍ରାଥମିକ ସ୍କୁଲଗୁଡିକୁ ହଜାର ହଜାର ସଂଖ୍ୟାରେ ବନ୍ଦ କରିଦିଆଯାଇଛି।

'ର୍ୟାସନାଲାଇଜେସନ୍' ନାମରେ କେଉଁଠି କେତେଗୁଡିଏ ସ୍କୁଲକୁ ଗୋଟିଏ ସ୍କୁଲରେ ପରିଣତ କରାଯାଉଛି(Merger), ପୁଣି କେଉଁଠି ସ୍କୁଲଗୁଡିକୁ ସଂପୂର୍ଣ୍ଣ ବନ୍ଦ କରିଦିଆଯାଉଛି(Closure)। ୨୦୧୭ ମସିହାରେ ଭାରତ ସରକାରଙ୍କ 'ନୀତି ଆୟୋଗ' ମଧ୍ୟପ୍ରଦେଶ, ଝାଡଖଣ୍ଡ ଓ ଓଡିଶାରେ 'ସଷ୍ଟେନେବଲ୍ ଆକ୍ସନ ଫର ଟ୍ରାନ୍ସଫର୍ମି ହ୍ୟୁମାନ କ୍ୟାପିଟାଲ-ଏଜୁକେସନ(Susstanable Action for Transatoring Human Capital-Education, ସାଥି-ଇ)' ନାମରେ ଗୋଟିଏ ପ୍ରକଳ୍ପ ଚାଲୁ କରିଥିଲା। ଏହାର ଉଦ୍ଦେଶ୍ୟଥିଲା ରାଜ୍ୟଗୁଡିକରେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ବ୍ୟବସ୍ଥାର 'ଯୌକ୍ତିକକରଣ ଓ ସଂହତି କରଣ'(Rationalisation and Consolidation) ମାଧ୍ୟମରେ ପରିମାଣଗତ ଓ ଗୁଣଗତ ପରିବର୍ତ୍ତନ ଘଟାଇବା। ନୀତି ଆୟୋଗର ବକ୍ତବ୍ୟ ହେଉଛି ଦେଶର ବିଦ୍ୟାଳୟମାନଙ୍କରେ ହାରାହାରି ୫୦ରୁ ୬୦ଜଣ ଛାତ୍ର ଛାତ୍ରୀ ଏବଂ ଜଣେ ଦୁଇଜଣ କରି ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ଅନ୍ୟଦିଗରେ ବେସରକାରୀ ବିଦ୍ୟାଳୟ ମାନଙ୍କରେ ସ୍କୁଲପିଛା ହାରାହାରି ୨୬୫ଜଣ ଛାତ୍ର ଛାତ୍ରୀ ଓ ୯ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଛନ୍ତି। ନୀତି ଆୟୋଗର ତଥ୍ୟ ଅନୁଯାୟୀ ଦେଶର ୪ଲକ୍ଷ ବିଦ୍ୟାଳୟରେ ୫୦ଜଣରୁ କମ୍ ଛାତ୍ରଛାତ୍ରୀ ଏବଂ ଜଣେ ବା ଦୁଇଜଣ ଶିକ୍ଷକ ଶିକ୍ଷୟତ୍ରୀ ରହିଛନ୍ତି। ସ୍କୁଲରେ ହେଡମାଷ୍ଟର ନଥିବାରୁ ସେହି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ପୁଣି ନାନା ଧରଣର ପ୍ରଶାସନିକ ଦାୟିତ୍ୱ ପାଳନ କରିବାକୁ ହେଉଛି ଏବଂ ଏହା ଫଳରେ ଶିକ୍ଷାଦାନ ବ୍ୟାହତ ହେଉଛି। ଏହି ପରିସ୍ଥିତିରେ ନୀତି ଆୟୋଗର ମତ ଅନୁଯାୟୀ ଏହାର ସମାଧାନର ଏକମାତ୍ର ରାସ୍ତା ହେଉଛି ଏହିଭଳି କେତେଗୁଡିଏ ବିଦ୍ୟାଳୟକୁ ଗୋଟିଏ ବିଦ୍ୟାଳୟରେ ପରିଣତ କରିବା ବା ମର୍ଜର Merger କରିବା।

ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ରେ କୁହାଯାଇଛି ଦେଶର ଶତକଡା ୨୮ଭାଗ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏବଂ ଶତକଡା ୧୮.୮ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୦ଜଣରୁ କମ୍ ଛାତ୍ର ଛାତ୍ରୀ ରହିଛନ୍ତି। ଦେଶର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଗୋଟିଏ ଗୋଟିଏ ଶ୍ରେଣୀରେ ହାରାହାରି ୧୪ଜଣ ଲେଖାଏଁ ଛାତ୍ର ଛାତ୍ରୀ ରହିଛନ୍ତି, ଅଧିକାଂଶ କ୍ଷେତ୍ରରେ ଛାତ୍ର ଛାତ୍ରୀ ସଂଖ୍ୟା ୬ରୁ କମ୍। ଦେଶର ୧,୦୮,୦୧୭ଟି ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି। ଏଗୁଡିକ ମଧ୍ୟରୁ ୮୫,୭୪୩ଟି ହେଉଛି ପ୍ରାଥମିକ ବିଦ୍ୟାଳୟ(ସୂତ୍ର ନୂଆ ଜାତୀୟ ଶିକ୍ଷାନୀତି-୨୦୨୦/୭.୧)। ଜାତୀୟ ଶିକ୍ଷାନୀତିର ବକ୍ତବ୍ୟ ହେଉଛି ଏହିଭଳି ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କ ମଧ୍ୟରୁ ଅଧିକାଂଶକୁ ହିଁ ଏକାସଙ୍ଗେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପଢାଇବାକୁ ହୁଏ, ବିଭିନ୍ନ ବିଷୟରେ ପଢାଇବାକୁ ହୁଏ। ଏପରିକି ସେ ବିଭାଗରେ କୌଣସି ତାଲିମ ନଥିଲେ ମଧ୍ୟ ଏହି ଶିକ୍ଷକମାନଙ୍କୁ ସଙ୍ଗୀତ, କଳା, ଚିତ୍ରାଙ୍କନ, କ୍ରୀଡା ଇତ୍ୟାଦି ମଧ୍ୟ ଶିଖାଇବାକୁ ହୁଏ। ଏହି ବିଦ୍ୟାଳୟ ମାନଙ୍କ ମଧ୍ୟରୁ ଅନେକ ବିଦ୍ୟାଳୟରେ ଖେଳପଡିଆ କିମ୍ବା ବିଜ୍ଞାନଗାର ନଥାଏ। ଏହି ପରିସ୍ଥିତିରେ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ର ସୁପାରିଶ ହେଉଛି ୧୦/୧୫ କିଲୋମିଟର ପରିଧି ମଧ୍ୟରେ ଥିବା ଏହି ଧରଣର ବିଦ୍ୟାଳୟଗୁଡିକର ଏକୀକରଣ କରି ଉପଯୁକ୍ତ ବ୍ୟବସ୍ଥା ସହିତ ଗୋଟିଏ ଲେଖାଏଁ ସ୍କୁଲ ପ୍ରତିଷ୍ଠା କରିବା। ପୂର୍ବରୁ ନୀତି ଆୟୋଗ ଓ ବର୍ତ୍ତମାନ ନୂଆ ଶିକ୍ଷାନୀତି-୨୦୨୦ର ସୁପାରିଶ ଅନୁଯାୟୀ ଓଡିଶା ସମେତ ଦେଶର ପ୍ରତ୍ୟେକଟି ରାଜ୍ୟରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡିକୁ କ୍ଲୋଜର ଓ ମର୍ଜର ମାଧ୍ୟମରେ ବନ୍ଦ କରାଯାଉଛି।

'ଦି ହିନ୍ଦୁ' ଖବର କାଗଜରେ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୧୫ରୁ ୨୦୧୮ ମସିହା ମଧ୍ୟରେ ସମଗ୍ର ଦେଶରେ ୮୦,୬୪୭ଟି ସ୍କୁଲ ବନ୍ଦ କରାଯାଇଛି। ଏହା ମଧ୍ୟରେ ରାଜସ୍ଥାନରେ ୧୭,୧୨. ଗୁଜୁରାଟରେ ୧୩,୪୫. କର୍ଣ୍ଣାଟକରେ ୧୨,୦୦୦, ଆନ୍ଧ୍ରପ୍ରଦେଶରେ ୫୫୩୦, ଓଡିଶାରେ ୫୦୦୦, ତେଲେଙ୍ଗାନାରେ ୩୦୦୦, ମଧ୍ୟପ୍ରଦେଶରେ ୩୫୦୦, ତାମିଲନାଡୁରେ ୩୦୦୦, ଉତ୍ତରାଖଣ୍ଡରେ ୧୨,୦୦୦, ପଞ୍ଜାବରେ ୧୧,୭୦ ଏବଂ ଛତିଶଗଡରେ ୭୯୦ଟି ବିଦ୍ୟାଳୟ ଏହିଭଳି ଭାବରେ ବନ୍ଦ କରାଯାଇଛି। ତେବେ ଇତିମଧ୍ୟରେ ଏହିଭଳି ବନ୍ଦ ହୋଇଥିବା ସ୍କୁଲ ସଂଖ୍ୟା ବହୁଗୁଣ ବୃଦ୍ଧି ପାଇଛି। ଓଡିଶାରେ ଏହି ସଂଖ୍ୟା ପ୍ରାୟ ୭୪୦୦।

ଆହୁରି ମଧ୍ୟ ୨୦୧୭-୧୮ରୁ ୨୦୨୧-୨୨ ମସିହା ମଧ୍ୟରେ ସମଗ୍ର ଦେଶରେ ୭୨,୧୫୭ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ହୁଏତ ମର୍ଜ କରାଯାଇଛି କିମ୍ବା ସଂପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଏହା ମଧ୍ୟରେ ଉତ୍ତରପ୍ରଦେଶରେ ୧୭,୨୩୨ଟି ଆସାମରେ ୯,୨୧୯ଟି, କର୍ଣ୍ଣାଟକରେ ୬୨୬ଟି, କେରଳରେ ୧୧୩ଟି, ଆନ୍ଧ୍ରପ୍ରଦେଶରେ ୧୬୮ଟି, ଗୁଜୁରାଟରେ ୨୯୦ଟି, ପଶ୍ଚିମବଙ୍ଗରେ ୩୨୩୦ଟି ଏବଂ ରାଜଧାନୀ ଦିଲ୍ଲୀରେ ୨୯୦ଟି ସ୍କୁଲ ରହିଛି।

ସ୍କୁଲ ବନ୍ଦ କରିବା ପଛରେ ସରକାର ଓ ନୀତି ଆୟୋଗର ମୂଳ ଯୁକ୍ତି ହେଉଛି ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ହ୍ରାସ। ଏହାବ୍ୟତୀତ ଶିକ୍ଷକ ଏବଂ ଶିକ୍ଷା ଭିତ୍ତିଭୂମି ଅଭାବ ପାଇଁ ମଧ୍ୟ ସ୍କୁଲ ମର୍ଜର ଓ କ୍ଲୋଜରକୁ ମହୌଷଧି ଭାବରେ ପ୍ରଚାର କରାଯାଉଛି। ତେବେ ମୂଳ ପ୍ରଶ୍ନ ହେଉଛି ବିଦ୍ୟାଳୟ ମାନଙ୍କରେ ଛାତ୍ର ସଂଖ୍ୟା ହ୍ରାସ ପାଉଛି କାହିଁକି ? ଏହାର କାରଣ ସଂପର୍କରେ ନୀତି ଆୟୋଗ, ସରକାର ଓ ନୂଆ ଜାତୀୟ ଶିକ୍ଷାନୀତି-୨୦୨୦ ସଂପୂର୍ଣ୍ଣ ନିରବ। ଏହାର କାରଣକୁ ଏଡାଇଦେଇ ଯିବା ହୋଇଛି, ଏବଂ ଗୋପନ ରଖିବାର ଉଦ୍ୟମ ହୋଇଛି। ତା' ନହେଲେ ଏହି ସତ୍ୟ ସ୍ୱଷ୍ଟ ଭାବରେ ପ୍ରକାଶିତ ହୋଇଥାନ୍ତା ଯେ, କେନ୍ଦ୍ର ଏବଂ ରାଜ୍ୟ ସରକାର ଗୁଡକର ପରିକଳ୍ପିତ ଅବହେଳା ଫଳରେ ଏକ ଦୀର୍ଘ ପ୍ରକ୍ରିୟାରେ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ସଂପୂର୍ଣ୍ଣ ଧ୍ୱଂସ କରାଯାଇଛି। ଅର୍ଥାତ୍ ଲଗାତର ଅବହେଳାର ମଧ୍ୟଦେଇ ପ୍ରଥମେ ସ୍କୁଲ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରାଯାଇଛି, ତା'ପରେ ସେହି ଦୁର୍ବଳତାକୁ କାରଣ ହିସାବରେ ପ୍ରଦର୍ଶିତ କରି ସେଗୁଡିକୁ ବନ୍ଦ କରାଯାଉଛି କିମ୍ବା ମର୍ଜ କରାଯାଉଛି। ସରକାରମାନେ ଏଭଳି ଏକ ସର୍ବନାଶ କାହିଁକି ଘଟାଇ ଚାଲିଛନ୍ତି ! ଏହାର କାରଣ ହେଉଛି ଏ ସମସ୍ତ ସରକାର ଦେଶର କ୍ଷମତାସୀନ ଏକଚାଟିଆ ପୁଞ୍ଜିପତି ଶ୍ରେଣୀର ସେବାଦାସ। ସେଥିପାଇଁ ଏହି ଶ୍ରେଣୀର ସାମଗ୍ରିକ ଶ୍ରେଣୀ ସ୍ୱାର୍ଥର ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସଦାସର୍ବଦା ତତ୍ପର। ଶାସକ ପୁଞ୍ଜିପତି ଶ୍ରେଣୀପାଇଁ ଶିକ୍ଷା ଆଜି ଆଉ ସରକାରମାନଙ୍କ ଦାୟିତ୍ୱ ନୁହେଁ, ଏହା ବଜାରର ପଣ୍ୟ। ଦେଶୀ, ବିଦେଶୀ ଏକଚାଟିଆ ପୁଞ୍ଜିପତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ପୁଞ୍ଜି ବିନିଯୋଗକରି ମୁନାଫା ଲୁଟର ସୁଯୋଗ ଦେବାପାଇଁ ହିଁ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଯୋଜନାବଦ୍ଧ ଓ ସୁପରିକଳ୍ପିତ ଭାବରେ ଧ୍ୱଂସ କରାଯାଇଛି। ଏହି ପରିକଳ୍ପନାକୁ ସାକାର କରିବାପାଇଁ ହିଁ ତତ୍କାଳୀନ କଂଗ୍ରେସ ସରକାର ୧୯୮୬ ମସିହାରେ ନୂତନ ଜାତୀୟ ଶିକ୍ଷାନୀତି ପ୍ରଚଳନ କରିଥିଲା। ୧୯୯୧ ମସିହାରେ ଦେଶରେ ଜଗତିକରଣ, ଘରୋଇକରଣ, ଉଦାରିକରଣ ନୀତି ଲାଗୁ ହେବାପାରେ ଏହି ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ହୋଇଛି। ୧୯୮୬ ଶିକ୍ଷାନୀତି ଜରିଆରେ ଆରମ୍ଭ କରାଯାଇଥିବା ପ୍ରକ୍ରିୟାକୁ ମୁଣ୍ଡି ମାରିବାପାଇଁ କେନ୍ଦ୍ର ବିଜେପି ସରକାର ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ପ୍ରଚଳନ କରିଛି। ଏହି ପରିକଳ୍ପନା ଅନୁଯାୟୀ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପାଶ ଫେଲ ବ୍ୟବସ୍ଥା ଉଚ୍ଛେଦ କରାଯାଇଛି। ସିଲାବସ୍ ପରିବର୍ତ୍ତନ କରି ଶିକ୍ଷାର ମାନ ହ୍ରାସ କରାଯାଇଛି।

ପରିକଳ୍ପିତ ଭାବରେ ଗତ ୨୫/୩୦ ବର୍ଷ ଧରି ବିଶ୍ୱ ବିଦ୍ୟାଳୟରୁ ଆରମ୍ଭକରି ପ୍ରାଥମିକ ସ୍କୁଲ ପର୍ଯ୍ୟନ୍ତ ସ୍ଥାୟୀ ଶିକ୍ଷକ ନିଯୁକ୍ତ କରାଯାଉନାହିଁ। ସରକାରୀ ଶିକ୍ଷା ଭିତ୍ତିଭୂମିକୁ ମଧ୍ୟ ଜାଣିଶୁଣି ଦୁର୍ବଳ କରାଯାଉଛି। କ୍ଲାସରେ ପଢାପଢି ଆରମ୍ଭ ହେବାର ୬ମାସ ବିତିଗଲେବି ପିଲାଙ୍କ ବହି ଯୋଗାଇ ଦିଆଯାଉନାହିଁ କିମ୍ବା ୟୁନିଫର୍ମ ମିଳୁନାହିଁ। ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ ନାହିଁ, କଳପଟା ନାହିଁ, ପାଠାଗାର ନାହିଁ, ଖେଳ ପଡିଆ ନାହିଁ, ସୌଚାଳୟ ନାହିଁ, ସୌଚାଳୟ ଥିଲେ ସେଠାରେ ଜଳର ବ୍ୟବସ୍ଥା ନାହିଁ, ପାନୀୟ ଜଳ ନାହିଁ। ସ୍କୁଲ ପରିସରକୁ ସଫା ସୁତୁରା ରଖିବାପାଇଁ ଆବଶ୍ୟକ ଲୋକବଳ ନାହିଁ। ବିଭିନ୍ନ ଧରଣର ସରକାରୀ ଛୁଟି ସମେତ ନିର୍ବାଚନ ଓ ଅନ୍ୟାନ୍ୟ କାମ ପାଇଁ ଶିକ୍ଷାଦାନ ବ୍ୟାହତ ହେଉଛି। ଶିକ୍ଷକମାନଙ୍କୁ ଶିକ୍ଷାଦାନ ବ୍ୟତୀତ ନାନାଦି ସରକାରୀ କାମର ଦାୟିତ୍ୱ ଦିଆଯିବା ଫଳରେ ପାଠପଢା ବ୍ୟାହତ ହେଉଛି। ଏହାର କି ପରିଣାମ ହେଉଛି ? ସରକାରୀ ସ୍କୁଲରେ ଯେହେତୁ ଆଉ ପଢାପଢି ହେଉନାହିଁ ସେହେତୁ ଏହି ସ୍କୁଲ ଉପରେ ଅଭିଭାବକମାନେ ଆସ୍ଥା ହରାଇଛନ୍ତି। ଜଣେ ଦରିଦ୍ର ଲୋକ ମଧ୍ୟ ତାଙ୍କ ସନ୍ତାନର ଭବିଷ୍ୟତକୁ ଆଖିରେରଖି ତାଙ୍କର ସନ୍ତାନକୁ ଘରୋଇ ସ୍କୁଲରେ ପଠାଇବାକୁ ଚାହୁଁଛନ୍ତି। ସେଥିପାଇଁ ଅଭିଭାବକମାନେ ଘରର ଆବଶ୍ୟକ ଖର୍ଚ୍ଚ କାଟ କରିବାକୁ ପ୍ରସ୍ତୁତ ମାତ୍ର ପିଲାଙ୍କୁ ସରକାରୀ ସ୍କୁଲକୁ ପଠାଇବାପାଇଁ ପ୍ରସ୍ତୁତ ନୁହଁନ୍ତି। ଏହା ସହିତ ରାଜ୍ୟ ସରକାରମାନେ ଗ୍ରାମାଂଚଳରେ ଘରୋଇ ସ୍କୁଲକୁ ପ୍ରୋତ୍ସାହନ ଦେଇ ସରକାରୀ ସ୍କୁଲର ସମାନ୍ତରାଳ ଏକ ଘରୋଇ ଶିକ୍ଷା ବ୍ୟବସ୍ଥା ଗତ ୨୫/୩୦ବର୍ଷ ମଧ୍ୟରେ ସୃଷ୍ଟି କରିଦେଇଛନ୍ତି। ଏହି ପରିସ୍ଥିତିରେ ସାଧାରଣ ଅଭିଭାବକମାନେ ମଧ୍ୟ ନିଜ ପିଲାଙ୍କୁ ସରକାରୀ ସ୍କୁଲକୁ ପଠାଇବାକୁ ପଶ୍ଚାଦପଦ ହେଉଛନ୍ତି ଏବଂ ସେହି ଆଳରେ ଛାତ୍ର ସଂଖ୍ୟା କମ୍ ଥିବା ଦର୍ଶାଇ ସରକାର ସମଗ୍ର ଦେଶର ଲକ୍ଷ ଲକ୍ଷ ସ୍କୁଲ ବନ୍ଦ କରୁଛନ୍ତି।

ନୂତନ ଜାତୀୟ ଶିକ୍ଷାନିତି-୨୦୨୦ ଜରିଆରେ ଶିକ୍ଷା ଉପରେ ଚାଲିଥିବା ଏହି ଭୟଙ୍କର ଆକ୍ରମଣ ବିରୁଦ୍ଧରେ ଦେଶର ଛାତ୍ର, ଯୁବକ, ଅଭିଭାବକ, ଶିକ୍ଷାବିତ୍, ବୁଦ୍ଧିଜୀବୀମାନେ ଏକତ୍ରିତ ହୋଇ ସ୍ୱର ଉତ୍ତୋଳନ କରିବା ଜରୁରୀ ଆବଶ୍ୟକତା ରହିଛି। ସମାଜର ସମସ୍ତ ବର୍ଗର ଜନସାଧାରଣଙ୍କୁ ଜଡିତ କରି ଏକ ବ୍ୟାପକ, ଦୀର୍ଘସ୍ଥାୟୀ, ସଚେତନ ଓ ସଂଗଠିତ ଶିକ୍ଷା ଆନ୍ଦୋଳନ ହିଁ ସମଗ୍ର ଦେଶର ଶିକ୍ଷାବ୍ୟବସ୍ଥାକୁ ସରକାରୀ ପ୍ରୟୋଜିତ ଆସନ୍ନ ଧ୍ୱଂସ ମୁହଁରୁ ରକ୍ଷା କରିପାରିବ ଏବଂ ସାଧାରଣ ଘରର ପିଲାମାନଙ୍କ ପାଇଁ ଶିକ୍ଷା ଲାଭକୁ ନିଶ୍ଚିତ କରିପାରିବ। ଏହାହିଁ ସମୟର ଆହ୍ୱାନ।

## *ଆଜି ମଧ୍ୟ ଅମଳିନ ...*

*(୧ମ ପୃଷ୍ଠାର ଅବଶିଷ୍ଟାଂଶ)*

ପରବର୍ତ୍ତୀ ପର୍ଯ୍ୟାୟରେ ସର୍ଦ୍ଦାରି ଆନ୍ଦୋଳନ ବା ମୁଲକୁଇ ଲଢାଇ ଏବଂ ଖାରୋୟାର ବିଦ୍ରୋହ ଯଥାକ୍ରମେ ଛୋଟନାଗପୁର ଏବଂ ସାନ୍ତାଳ ପ୍ରଗଣା ଅଂଚଳରେ ଦୀର୍ଘଦିନ ଧରି ଚାଲିଥିଲା। ସର୍ଦ୍ଦାରି ଲଢାଇର ପ୍ରତ୍ୟେକ୍ଷ ପ୍ରଭାବ ବିର୍ଶା ମୁଣ୍ଡାଙ୍କ ଜୀବନରେ ପଢିଥିଲା। ଏହି ଲଢେଇରେ ପ୍ରଭାବିତ ଦେଇ ବିର୍ଶ ମୁଣ୍ଡା ଜମିଦାର, ମହାଜନ, ଠିକାଦାର ଓ ପୁଲିସ ପ୍ରଶାସନ ବିରୋଧି ସଂଗ୍ରାମରେ ଲିପ୍ତ ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ନେତୃତ୍ୱରେ ୧୯୦୦ ମସିହାରେ ଛୋଟନାଗପୁର ଅଂଚଳରେ ବ୍ରିଟିଶ ବିରୋଧି ଆଦିବାସୀ କୃଷକ ବିଦ୍ରୋହ 'ଉଲ୍‌ଗୁଲାନ' ସଂଘଟିତ ହୋଇଥିଲା। ଲଢାଇ ଫଳରେ ଆଦିବାସୀ ଓ ଗରିବ ମଣିଷଙ୍କର ଜମିର ଅଧିକାର ନିଶ୍ଚିତ କରିବାପାଇଁ ଇଂରେଜ ସରକାର ଛୋଟନାଗପୁର ଟେନ୍‌ନ୍‌ସି ଆକ୍ଟ ୧୯୦୮ ମସିହାରେ ଚାଲୁ କରାନ୍ତି। ବିର୍ଶାମୁଣ୍ଡା ଶୋଷିତ ମଣିଷର ଜୀବନ ସହିତ ଅଙ୍ଗାଅଙ୍ଗୀ ଭାବରେ ଜଡିତ ଥିଲେ ଏବଂ ଏହି ସମସ୍ତ ଅଂଚଳର କୁସଂସ୍କାର ପ୍ରଭାବରୁ ଶୋଷିତ ମଣିଷକୁ ମୁକ୍ତ କରିବାର ଚେଷ୍ଟା କରିଥିଲେ। ଯାହାଫଳରେ ସାଧାରଣ ମଣିଷଙ୍କ ମଧ୍ୟରେ ତାଙ୍କପ୍ରତି ଗଭୀର ଆସ୍ଥା ସୃଷ୍ଟି ହୋଇଥିଲା। ଏହି ଗଭୀର ଆସ୍ଥା ହିଁ ବିର୍ଶାମୁଣ୍ଡାଙ୍କୁ ସେମାନଙ୍କର ତ୍ରାଣକର୍ତ୍ତା ହିସାବରେ ସ୍ଥାନ ଦେଇଥିଲା। ସେଥିପାଇଁ ତାଙ୍କୁ 'ଧରତି ଆବା', 'ବିଶ୍ୱ ପିତା' ବୋଲି କୁହାଯାଏ।

ବର୍ତ୍ତମାନ ଜଙ୍ଗଲ ମହଲ ନିବାସୀଙ୍କ ଉପରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ନାନା ପ୍ରକାର ଆକ୍ରମଣ କରୁଛନ୍ତି। ଜଙ୍ଗଲ ସଂରକ୍ଷଣ ଆଇନ ୨୦୨୨ ଏବଂ ଜଙ୍ଗଲ(ସଂରକ୍ଷଣ) ସଂଶୋଧନ ଆଇନ କାର୍ଯ୍ୟକରିବା ମଧ୍ୟଦେଇ ବର୍ତ୍ତମାନ ଜଙ୍ଗଲ ଆଇନ ୨୦୦୬କୁ ଅକାର୍ଯ୍ୟକାରୀ କରିବାର ଯେଉଁ ହୀନ ପ୍ରୟାସ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର କରୁଛନ୍ତି ତା ବିରୁଦ୍ଧରେ ତୀବ୍ର ଆନ୍ଦୋଳନ ଗଢିତୋଳିବା ପାଇଁ କମ୍ରେଡ୍ ମୁଡା ଆହ୍ୱାନ ଦେଇଛନ୍ତି। ନିର୍ବିଚାରରେ ଜଙ୍ଗଲ ଧ୍ୱଂସ କରିବା ମଧ୍ୟଦଇେ ପରିବେଶ ଭାରସାମ୍ୟ ନଷ୍ଟ କରିବା ବିରୁଦ୍ଧରେ ଜନ ସଚେତନାତା ସୃଷ୍ଟି କରିବା, ଗରିବ ଶୋଷିତ ମଣିଷର ଦୈନନ୍ଦିନ ଅଭାବ ଅନଟନ ବିରୁଦ୍ଧରେ, ଲଗାମହୀନ ମୂଲ୍ୟ ବୃଦ୍ଧି ବିରୁଦ୍ଧରେ ଆନ୍ଦୋଳଣ ଗଢିତୋଳିବା ଏବଂ ଏହି ଆନ୍ଦୋଳନ ସହ ସକ୍ରିୟ ଅଂଶଗ୍ରହଣ ମଧ୍ୟରେ ବିର୍ଶାମୁଣ୍ଡାଙ୍କ ଜନ୍ମଦିନ ପାଳନର ସାର୍ଥକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

★★★

## ଆଦାନି ଲାଂଚ . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଶାସନ ଚାଲିଥିଲା । ତା'ଛଡା ଯେଉଁ ରଜ୍ୟ ଗୁଡିକରେ ବିରୋଧି ଦଳର ସରକାର ଥିବାରୁ ସିବିଆଇ, ଇଡି, ସେବି ଭଳି କେନ୍ଦ୍ରୀୟ ସଂସ୍ଥାକୁ ରାଜନୈତିକ ହତିଆର ଭଳି କେନ୍ଦ୍ର ସରକାର ବ୍ୟବହାର କରୁଥିଲେ । ସେଠାରେ ଏତେବଡ ଦୁର୍ନିତୀକୁ ଦେଖି ଚୁପ ରହିଲେ କିପରି ? କଂଗ୍ରେସ ନେତା ରାହୁଲ ଗାନ୍ଧି ଏଇ ଦୁର୍ନିତୀ ବିରୁଦ୍ଧରେ ଗଣମାଧ୍ୟମ ଗୁଡିକରେ କମ୍ପାଉଛନ୍ତି । ସେ ମଧ୍ୟ ତାଙ୍କ ଦଳ ଶାସିତ ରାଜ୍ୟଗୁଡିକରେ ଏହି ଦୁର୍ନିତୀ କେମିତି ହେଲା କହିପାରୁନାହାନ୍ତି । ଡିଏମ୍‌କେ, ୱାଇଏସ୍‌ଆର୍ ଓ ବିଜେଡି ନେତାମାନଙ୍କ ମୁହଁରେ ମଧ୍ୟ ଚାବି ପଡିଛି । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଏହି ଦୁର୍ନିତୀ ବିରୁଦ୍ଧରେ ଗୋଟିଏ ଶବ୍ଦ ଉଚ୍ଚାରଣ କରିନାହାନ୍ତି । ଅର୍ଥାତ୍ ଏହି ଧନକୁବେର ଗୋଷ୍ଠୀ ସହିତ ବନ୍ଧୁତ୍ୱ କଥା ଉଠିଲେ ସରକାରୀ ହେଉ ବା ବିରୋଧି କାହାରି ମଧ୍ୟ ପାର୍ଥକ୍ୟ ନାହିଁ ।

ଆଦାନି ବିରୁଦ୍ଧରେ ଦୁର୍ନିତୀ ଅଭିଯୋଗ ଏଇଟା ପ୍ରଥମ ନୁହେଁ । ଗତ ବର୍ଷ ମାର୍କିନ ସଂସ୍ଥା ହିଣ୍ଡେନବର୍ଗ ଏହାର ରିପୋର୍ଟରେ ଅଭିଯୋଗ କରିଥିଲା ଯେ ଆଦାନୀ ଗୋଷ୍ଠୀ କାରସାଦୀ କରି ନିଜର ସେୟାର ମୂଲ୍ୟ ବହୁ ପରିମାଣରେ ବୃଦ୍ଧି ଘଟାଇଥିଲେ । ୨୦୨୨ ମସିହରେ ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ପ୍ରବଳ ଗଣବିକ୍ଷୋଭବେଳେ ଗୋଟିଏ ଘଟଣା ଜଣା ପଡିଲା ଯେ, ଆଦାନିଙ୍କର ପୁର୍ନବ୍ୟବହାର ଯୋଗ୍ୟ ଗୋଟିଏ ବିଦ୍ୟୁତ ପ୍ରକଳ୍ପର ଚୁକ୍ତି ପାଶ କରାଇବପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ନିଜେ ଚାପ ପକାଇଥିଲେ । ସଂପ୍ରତି ବାଙ୍ଗାଲାଦେଶ ହାଇକୋର୍ଟ ଆଦାନିଠାରୁ ବିଦ୍ୟୁତ କିଣା ଚୁକ୍ତିରେ ହୋଇଥିବା ଦୁର୍ନିତୀର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । କେନିଆ ସରକାରୀ ଆଦାନି ଗୋଷ୍ଠୀ ସଙ୍ଗରେ ହୋଇଥିବା ଦୁଇ ବଡ ଚୁକ୍ତି- ଜୋମୋ କେନିଆଟା ଆନ୍ତର୍ଜାତିକ ବିମାନ ସଂପ୍ରସାରଣ ଚୁକ୍ତି ଓ ବିଦ୍ୟୁତ ପରିବହନ ଲାଇନ ନିର୍ମାଣ ଚୁକ୍ତିକୁ ରଦ୍ଦ କରିଦେଇଛନ୍ତି । ଇଣ୍ଡୋନେସିଆରୁ କମ ଦାମରେ ନିମ୍ନମାନର କୋଇଲା କିଣି ଦେଶରେ ଉଚ୍ଚ ଦରରେ ବିକ୍ରି ସଂକ୍ରାନ୍ତ ମହାଦୁର୍ନିତି ପ୍ରତି ମୋଦି ସରକାର କାନ-ଆଖି ବୁଜି ଦେଇଛି ।

ଅର୍ଥାତ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ଅର୍ଥନୀତିର ପ୍ରଧାନ ପ୍ରତିନିଧି ଭାବେ ଯେଉଁ ଆଦାନିକୁ ବାଛିଛନ୍ତି । ସେହି ଆଦାନି ବିରୁଦ୍ଧରେ କେବଳ ଭାରତରେ ନୁହେଁ ବିଶ୍ୱତମାମ ଚୋରି ଓ ଦୁର୍ନିତୀର ଅଭିଯୋଗ ହେଉଛି । ଅନ୍ୟକୌଣସି ଦେଶର ଅଦାଲତ ଭାରତୀୟ ବ୍ୟବସାୟୀ ବିରୁଦ୍ଧରେ ଏହି ଗିରଫ ପରୱାନା ଜାରି କରିନଥିଲା । ପୁଞ୍ଜିବାଦୀ ଅର୍ଥନୀତି ସ୍ୱାର୍ଥକୁ ବିଚାରକୁ ନେଲେବି ଆଦାନିର ଦୁର୍ନିତି ଭାରତର ଭାବମୂର୍ତ୍ତିକୁ ବିଶ୍ୱବ୍ୟାପୀ କାଳିମାଲିପ୍ତ କରିଛି । । ବାସ୍ତବରେ ଏହା ହେଉଛି ନରେନ୍ଦ୍ର ମୋଦିଙ୍କର ବ୍ରାଣ୍ଡ ଇଣ୍ଡିଆର ସ୍ୱରୂପ ଯାହାକୁ ଏତେଦିନ ଧରି ନାନା ଭାବରେ ଲୁଚାଇ ରଖାଯାଇଥିଲା । ଆମେରିକାର ସେହି ଖେଳ ଖେଳିବାକୁ ଯାଇ ବର୍ତ୍ତମାନ ଏହା ଧରାପଡିଛି ।

ହିଣ୍ଡେନଗର୍ବ ଆନୀତ ଦୁର୍ନୀତି ଅଭିଯୋଗ ପ୍ରକାଶ ହେବାପରେ ଆଦାନୀ ଗୋଷ୍ଠୀ ସେୟାରର ଯେତିକି ପତନ ହୋଇଥିଲା ବର୍ତ୍ତମାନ ତାହା ଦ୍ୱିଗୁଣ ପତନ ହୋଇଛି । ଫଳରେ ଆଦାନୀ ଗୋଷ୍ଠୀ ସେୟାରରେ ଯେଉଁ ସାଧାରଣ ଜନତା ପୁଞ୍ଜି ଖଟାଇଥିଲେ ସେମାନେ ତଳିତଳାନ୍ତ ହେଲେ । କେବଳ ସେତିକି ନୁହେଁ ଆଦାନି ଗୋଷ୍ଠୀ ଲାଞ୍ଚଦେଇ ବିଦ୍ୟୁତ ଚଢା ଦରରେ ବହୁଦିନରୁ ବିକ୍ରି କରୁଥିବାରୁ ସାଧାରଣ ଉପଭୋକ୍ତା ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି । କିନ୍ତୁ ଆଦାନି କମ୍ପାନୀ ମୁନାଫା ଲୁଟି ଲାଲେଲାଲ ହୋଇଛି ।

ପ୍ରାୟ ସମସ୍ତେ ଜାଣନ୍ତି ଗୁଜୁରାଟର ଜଣେ ସାଧାରଣ ବ୍ୟବସାୟୀଭାବରେ ବ୍ୟବସାୟ ଆରମ୍ଭ କରିଥିବା ଗୌତମ ଆଦାନୀଙ୍କ ଉତ୍‌ଥାନ ନରେନ୍ଦ୍ର ମୋଦୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ହୋଇଥିଲା ଏବଂ ସେ ପ୍ରଧାନମନ୍ତ୍ରୀ ହେବା ପରେ ତାହା ରକେଟ ଗତିରେ ବୃଦ୍ଧି ପାଇଲା । ବର୍ତ୍ତମାନ ଗୌତମ ଆଦାନୀ ଭାରତର ସର୍ବବୃହତ ପୁଞ୍ଜିର ମାଲିକ । ତାଙ୍କର ଏହି ଅବିଶ୍ୱାସନୀୟ ଉତ୍‌ଥାନ ପଛରେ ପ୍ରଥମରୁହିଁ ବ୍ୟାପକ ଦୁର୍ନୀତିର ଅଭିଯୋଗ ଅଛି । ପ୍ରଥମେ ମୁଖ୍ୟମନ୍ତ୍ରୀ ଓ ପରେ ପ୍ରଧାନମନ୍ତ୍ରୀ ଭାବରେ ନରେନ୍ଦ୍ର ମୋଦୀଙ୍କ ସହାୟକ ଭୂମିକା ଏବଂ ରାଜନୈତିକ ପ୍ରଶାସନିକ ତଥା ରାଷ୍ଟ୍ରୀୟ ମଦଦ ଦ୍ୱାରା ଆଦାନୀ ବିଶ୍ୱର ପ୍ରଥମ କୋଡିଏ ଜଣ ଧନକୁବେର ମଧ୍ୟରେ ନିଜକୁ ପ୍ରତିଷ୍ଠିତ କରିପାରିଛି । ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବାପରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଆଦାନୀ ଗୋଷ୍ଠୀକୁ ପର୍ଯ୍ୟାପ୍ତ ଋଣ ମଞ୍ଜୁର କରିଛନ୍ତି ଏବଂ ସରକାର ଏହି ଋଣର ବୃହତ ଅଂଶ ଛାଡ ମଧ୍ୟ କରିଛନ୍ତି । ବ୍ୟାଙ୍କ କର୍ମଚାରୀ ସଂଗଠନର ଗୋଟିଏ ହିସାବ ଦର୍ଶାଏ ଯେ ଆଦାନି ନେଇଥିବା ୬୨ହଜାର କୋଟି ଟଙ୍କା ଋଣରୁ ୧୬ହଜାର କୋଟି ଟଙ୍କା ରାଇଟ୍ ଅଫ୍ ବା ଛାଡ କରାହୋଇଛି । ମୋଦୀ ଶାସନ କାଳରେ ସରକାରୀ ସଂସ୍ଥାଗୁଡିକ ପାଇକାରୀ ହାରରେ ଆଦାନି ଦଖଲକୁ ଚାଲି ଯାଉଛି । ବିଦ୍ୟୁତ, ବନ୍ଦର, ଖଣି, ଜଙ୍ଗଲ ଓ ଶକ୍ତି ପ୍ରଭୃତି କ୍ଷେତ୍ରଗୁଡିକୁ ସରକାରୀ ମଦତ୍ ଦ୍ୱାରା ଆଦାନି ଗୋଷ୍ଠୀ ଏକଚାଟିଆ ଭାବେ ଦଖଲ କରିଛି । ପ୍ରତିଟି କ୍ଷେତ୍ରରେ ସରକାରୀ ନିୟମ କାନୁନ କୁ ବେଖାତିର କରାଯାଇଥିବାର ଅଭିଯୋଗ ମଧ୍ୟ ହୋଇଛି । କିନ୍ତୁ ମୋଦି ସରକାର କୌଣସି ଅଭିଯୋଗ ପ୍ରତି କର୍ଣ୍ଣପାତ କରିନାହାନ୍ତି । ସର୍ବଶେଷରେ ଓଡିଶା ଓ ଛତିଶଗଡରେ ପରିବେଶ ଆଇନକୁ ଦୁଇପାଦରେ ଦଳିଚକଟି ଲକ୍ଷ ଲକ୍ଷ ଗଛ କାଟି ଖଣିଖାଦାନ କୁ ଆଦାନୀ ଗୋଷ୍ଠୀ ନିଜ ଆକ୍ତିଆରକୁ ନେଇଛି ।

ଭାରତର ରାଜନୈତିକ ଦୁର୍ନୀତି ଏବଂ ରାଜନୈଥିକ ନେତା ଓ ବ୍ୟବସାୟୀମାନଙ୍କ ସଂପର୍କ ନୂଆ ନୁହେଁ । ସ୍ୱାଧୀନତା ଆନ୍ଦୋଳନ ସମୟରେ ଘନଶ୍ୟାମ ଦାସ ବିର୍ଲା ଓ ଟାଟା କମ୍ପାନୀ ସହିତ କଂଗ୍ରେସର ଘନିଷ୍ଠତାକୁ ଲାଲା ଲାଜପତ୍‌ରାୟ ସହ ଅନେକ ନେତା ପସନ୍ଦ କରିନାହାନ୍ତି । ସ୍ୱାଧୀନ ଭାରତରେ ମଧ୍ୟ ସେହି ଧାରା ଅବ୍ୟାହତ ରହିଛି । ଟାଟା, ବିର୍ଲାଙ୍କ ଭଳି ବୃହତ ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷା କରିବା ପାଇଁ କଂଗ୍ରେସ ଅଗ୍ରାଧିକାର ଦେଉଥିଲା । ପରବର୍ତ୍ତୀ କାଳରେ ଅମ୍ବାନି ଗୋଷ୍ଠୀର ଉତ୍‌ଥାନ ପଛରେ ଏହି ସଂପର୍କ ନଗ୍ନ ରୂପରେ ପ୍ରକାଶ ପାଇଛି । ଥରେ ମୁକେଶ ଆମ୍ବାନି ତାଙ୍କର ଅନେକ ଦୋକାନ ମଧ୍ୟରୁ କଂଗ୍ରେସ ଗୋଟିଏ ବୋଲି ପ୍ରକାଶ୍ୟରେ କହିଥିଲେ । ବିଜେପି ଶାସନରେ ଅଗ୍ରାଧିକାର ତାଲିକାର ଆଦାନି ଶୀର୍ଷସ୍ଥାନ ଦଖଲ କରିଛନ୍ତି । ଦେଶ ବିଦେଶରେ ଆଦାନି ଗୋଷ୍ଠୀର ସ୍ୱାର୍ଥରକ୍ଷା ପାଇଁ ମୋଦି ସରକାର ନଗ୍ନଭାବରେ ଯେଉଁ ଭୂମିକା ପାଳନ କରୁଛନ୍ତି ତାହା ବାସ୍ତବରେ ତୁଳନାହୀନ ।

ଏକଚାଟିଆ ପୁଞ୍ଜିପତିମାନଙ୍କ ସାଙ୍ଗରେ ଶାସକ ଦଳର ଏହି ଅନୈତିକ ଓ ବେଆଇନ ସଂପର୍କକୁ ପୁଞ୍ଜିବାଦୀ ଅର୍ଥନୀତିବିଦ୍‌ମାନେ କ୍ରୋନି କ୍ୟାପିଟାଲିଜିମ୍ ବୋଲି ଆଖ୍ୟା ଦେଇଛନ୍ତି । ଅର୍ଥାତ୍ ଶାସକ ଦଳ ଏକଚାଟିଆ ପୁଞ୍ଜିର ସ୍ୱାର୍ଥ ରକ୍ଷା କରିବେ ଓ ବିନିମୟରେ ପାଇବେ ପାର୍ଟି ପରିଚାଳନା, ନିର୍ବାଚନୀ ଖର୍ଚ୍ଚ ଓ ନେତାମାନଙ୍କର ବିଳାସ ବହୁଳ ଜୀବନଯାପନ ଏବଂ କ୍ଷମତାରେ ବହୁକାଳ ରହିବାର ଗ୍ୟାରେଣ୍ଟି । ବିଜେପି କ୍ଷମତାକୁ ଆସିବାପରେ ହିଁ ଏହି ଲେଣଦେଣ ପ୍ରକ୍ରିୟାକୁ ବୈଧ କରିବାପାଇଁ ଆଣିଲେ ଇଲେକ୍ଟୋକାଲ ବଣ୍ଡ । ଏହି ବଣ୍ଡଦ୍ୱାରା କିଏ କେତେ ପରିମାଣର ଚାନ୍ଦା କେଉଁ ପାର୍ଟିକୁ ଦେଲେ ତାହା ପ୍ରକାଶ କରିବାପାଇଁ ମାନ୍ୟବର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଲେ । ଦେଖାଗଲା ଶାସକ ବିଜେପି ସିଂହଭାଗ ପାଇଛି । ଆଞ୍ଚଳିକ ବୁର୍ଜୁଆ ଦଳମାନେ ମଧ୍ୟ ଏହି ଦୟାରୁ ବଂଚିତ ହୋଇ ନାହାନ୍ତି । କଂଗ୍ରେସ ମଧ୍ୟ ଭାଗ ପାଇଛି । ଏହା ବିନିମୟରେ ପୁଞ୍ଜିପତିମାନେ ସରକାରୀ ନେତା ମନ୍ତ୍ରୀମାନଙ୍କଠାରୁ ମୋଟା ଅଙ୍କର ବରାଦ, ଠିକା ଏବଂ ଅନ୍ୟାନ୍ୟ ସୁବିଧା ପାଇଛନ୍ତି; ବହୁ କ୍ଷେତ୍ରରେ ନ୍ୟୁନତମ ଯୋଗ୍ୟତା ନ ଥିବା ସତ୍ତ୍ୱେ ମଧ୍ୟ । ଅର୍ଥାତ୍ ଜନସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପୁଞ୍ଜିପତିଙ୍କ ପାଦ ତଳେ ନିଜକୁ ସମର୍ପି ଦେଇ ଏହି ଦଳଗୁଡିକ ତାର ନେତା, ମନ୍ତ୍ରୀଗଣ ନିଜ ପାଇଁ ସର୍ବସ୍ୱ ରୁଣ୍ଡେଇଛନ୍ତି ।

ଆଦାନି ଗୋଷ୍ଠୀର ଦୁର୍ନୀତି ସହିତ ଦେଶର ଜନଗଣଙ୍କ ସ୍ୱାର୍ଥ ଅଙ୍ଗାଙ୍ଗୀଭାବେ ଜଡିତ ବୋଲି ଆଦାନିକୁ ଗିରଫ କରି ତଦନ୍ତ ଦାବି ଦେଶସାରା ହେଉଛି । ଯାହାକୁ କୌଣସି ଆଳରେ ଏହଡାଇ ଦିଆଯାଇ ନପାରେ । ବିଦେଶୀ ଷଡଯନ୍ତ୍ର ବା ଦେଶର ସ୍ୱାର୍ଥ କଥା କହି ଯେଉଁମାନେ ଏହାକୁ ଉଡଇଦେବାକୁ କହୁଛନ୍ତି ସେମାନଙ୍କ ମୁଖା ଖୋଲିଦେବା ଉଚିତ । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସ୍ୱଚ୍ଛାକୃତ ଏହାର ତଦନ୍ତ ସରକାରୀସ୍ତରରେ କରିବା ପାଇଁ ତଦନ୍ତକାରୀ ସଂସ୍ଥାଗୁଡିକୁ ବାଧ୍ୟ କରାଯିବା ଉଚିତ ।

ଦେଶର ଜନଗଣ ଏହା ବୁଝିବା ଆବଶ୍ୟକ ଯେ ତାଙ୍କ ସ୍ୱାର୍ଥର ରକ୍ଷା ବିଷୟଟି ବିଜେପି, କଂଗ୍ରେସ ବା ଆଂଚଳିକ ବୁର୍ଜୁଆ ଦଳଙ୍କ ଏଜେଣ୍ଡାରେ ପ୍ରକୃତରେ ନାହିଁ । ବରଂ ଏହି ଦଳ ଗୁଡିକର ଶାସନ ଯେତେଦିନ ଚାଲିବ ସେତେଦିନ ଜନସ୍ୱାର୍ଥକୁ ପୁଞ୍ଜିପତି ଶ୍ରେଣୀର ପାଦତଳେ ବିସର୍ଜିତ ହୋଇଚାଲିବ । ଫଳରେ ଜନଗଣଙ୍କ ଦୁର୍ଦ୍ଦଶା ଆହୁରି ବଢିଚାଲିବ । ବେକାରୀ, ମୂଲ୍ୟବୃଦ୍ଧି, ଛଟେଇ, ଶିକ୍ଷା ଓ ସ୍ୱାସ୍ଥ୍ୟର ପାଇଁ ଖର୍ଚ୍ଚ ବଢିବଢି ଚାଲିବ । ଅନ୍ୟଦିଗରେ ଦୁର୍ନିତିଗ୍ରସ୍ତ ବ୍ୟବସାୟୀ, ଶାସକଦଳର ନେତାମାନେ ଜନଗଣଙ୍କ ଉପରେ ଶୋଷଣ ଲୁଣ୍ଠନ ଚଳାଇ ନିଜ ସଂପଦର ପାହାଡ ସୃଷ୍ଟି କରୁଥିବେ ।

ତା' ହେଲେ ଅତ୍ୟନ୍ତ ଜରୁରୀ କଥା ହେଲା, ଜନଗଣଙ୍କୁ ତାଙ୍କର ସ୍ୱାର୍ଥରକ୍ଷାକାରୀ ଦଳକୁ ଚିହ୍ନି ତାଙ୍କୁ ଶକ୍ତିଶାଳୀ କରିବାକୁ ପଡିବ । ଏବଂ ସେହି ଶକ୍ତିକୁ ଆଧାର କରି ଦୁର୍ନୀତି ବିରୁଦ୍ଧରେ ବ୍ୟାପକ ଗଣଆନ୍ଦୋଳନ ଗଢିତୋଳିବାକୁ ହେବ ।

★★★

# ଅବ୍ୟବସ୍ଥିତ ମଣ୍ଡି ବ୍ୟବସ୍ଥା,ଧାନ କିଣା କ୍ଷେତ୍ରରେ ଜଟିଳତା ଓ ମିଲରପ୍ରୀତି ଯୋଗୁଁ ଚାଷୀ ଅଭାବୀ ବିକ୍ରିରେ ପଡୁଛି

ପ୍ରତି ବର୍ଷ ଧାନ ଚାଷ ଉଭୟ ଖରିଫ ଓ ରବି ଋତୁରେ ହୁଏ । ସରକାର କେବଳ ଖରିଫ ଋତୁ ରେ ମଣ୍ଡି ସ୍ଥାପନ କରନ୍ତି । ମଣ୍ଡି ଖୋଲେ ପ୍ରତ୍ୟକ ବର୍ଷ ସରକାରଙ୍କ ଧାନ ଖରିଦ୍ କରାଯିବା ଟାରଗେଟ ଅନୁଯାୟୀ । ଏହି କାରଣ ପାଇଁ ଚାଷୀଙ୍କର ଆବଶ୍ୟକ ମୁତାବକ ମଣ୍ଡି ସ୍ଥାପନ ହୁଏ ନାହିଁ । ରାଜ୍ୟରେ ପ୍ରାୟ ୩ ଭାଗ ବ୍ଲକରେ ବହୁ ଦୂରଦୁରାନ୍ତରେ ମଣ୍ଡି ଖୋଲେ । କେଉଁ ବ୍ଲକରେ ୪ ଟା କେଉଁଠି ୬ ଟା ମଣ୍ଡି ସ୍ଥାପନ ହୁଏ । ଏହା ଦ୍ୱାରା ଚାଷୀମାନେ ମଣ୍ଡିକୁ ଧାନ ବିକ୍ରି କରିବା ପାଇଁ ଆଣି ନପାରି ଗାଁରେ ବେପାରୀଙ୍କୁ ଅତି କମ ଦାମରେ ବ୍ୟାଙ୍କ ଓ ହାତ ଉଧାରୀ ଆଣିଥିବା ଋଣ ପରିଶୋଧ ପାଇଁ ଧାନ ବିକ୍ରି କରନ୍ତି । ଅନ୍ୟପକ୍ଷରେ ଅନ ଲାଇନ ରେଜିଷ୍ଟ୍ରେସନ ସିଲିଂ ଓ ଟୋକେନ୍ ମିଳିବା ଆଦି ବାଧ୍ୟତାମୂଳକ ଯୋଗୁଁ ଚାଷୀମାନେ ଆବଶ୍ୟକତା ମୁତାବକ ସେମାନଙ୍କର ଧାନ ବିକ୍ରି କରିପାରନ୍ତି ନାହିଁ । ଏହା ଫଳରେ ଅଭାବୀ ବିକ୍ରିରେ ପଡନ୍ତି । ବର୍ତ୍ତମାନ ଦେଖା ଯାଉ ମଣ୍ଡିରେ ଧାନ କିଭଳି ବିକ୍ରି ହୁଏ । ସରକାରଙ୍କ ଘୋଷିତ ଏମ୍‌ଏସପି ଅନୁଯାଇ ଏଫ କିଉ ସାଧାରଣ କିସମର ଧାନ କୁଇଣ୍ଟାଲ ପିଛା ୨୩ ଶହ ରଖା ଯାଇଛି । ପୂର୍ବରୁ କଟନି ଛାଟନୀ କରି ଏହି ଧାନ ଖରିଦ୍ କରାଯାଉଥିଲା । ଚଳିତ ବର୍ଷ ଗ୍ରେନ ଆନାଲାଇଜର ମେସିନ ଦ୍ୱାରା ଏହି ଧାନକୁ ଉଡା ଯାଉଛି, ଯାହା ଫଳରେ ଅଧା ଏପରିକି ତିନିଭାଗ ଦାନା ଥିବା ଧାନ ଅକାମୀ ହେଉଛି । ଧାନ କିଣାରେ ନାନାଦି ପ୍ରକାର କଟକଣା ସତ୍ତ୍ୱେ ମଣ୍ଡିକୁ ଚାଷୀ ଧାନ ଆଣି ଯଥେଷ୍ଟ କ୍ଷତିରେ ପଡୁଛି । ଏହି କାରଣରୁ ଆଗ ଅମଳ କରୁଥିବା ବରଗଡ଼,ସମ୍ବଲପୁର, ବଲାଙ୍ଗୀର ପ୍ରଭୃତି ପଶ୍ଚିମ ଓଡିଶାର ଚାଷୀ ମାନେ ହଜାର ହଜାର ବସ୍ତା ଧାନ ମଣ୍ଡିରେ ପକାଇ ରଖିଛନ୍ତି । ସେଠାରେ ଅଦିନିଆ ବର୍ଷାରେ ଧାନ ନଷ୍ଟ ହେଉଛି । ଏପଟେ ମଣ୍ଡିରେ ଧାନ କିଣାରେ ଅବ୍ୟବସ୍ଥା ଓ ଅନ୍ୟ ଦିଗରେ ସିଲିଂଗ ପାଇଁ ଚାଷୀ ତାର ବିକ୍ରି କରିବାକୁ ଚାହୁଁଥିବା ଧାନ ବାଧ୍ୟହୋଇ ବେପାରୀଙ୍କୁ ଅତି କମ ଦାମରେ ବିକ୍ରି କରୁଛି । ଏହାର ସୁଯୋଗ ମିଲର ମାନେ ନେଉଛନ୍ତି । ମିଲର ମାନେ ବେପାରୀଙ୍କ ଜରିଆରେ ଚାଷୀଙ୍କଠାରୁ ଧାନ ସରକାରଙ୍କ ଘୋଷିତ ଦାମଠାରୁ ଯଥେଷ୍ଟ କମରେ କିଣି ଚାଉଳ କରୁଛନ୍ତି ଓ ଏହି ଚାଉଳ ସରକାରଙ୍କୁ ବିକ୍ରୀ କରି ପର୍ଯ୍ୟାପ୍ତ ଲାଭ ଅର୍ଜନ କରୁଛନ୍ତି । ସରକାର ଓ ମିଲର ମାନଙ୍କ ମଧ୍ୟରେ ଏ କ୍ଷେତ୍ରରେ ଭିତିରି ସମ୍ପର୍କ ରହିଛି । କୃଷି ବିଭାଗୀର କର୍ମକର୍ତ୍ତା ଓ ସରକାରଙ୍କ ମଧ୍ୟରେ ସମ୍ପର୍କ ରକ୍ଷା କରି ରାଜକୋଷରୁ କୋଟି କୋଟି ଟଙ୍କା ଲୁଟୁ ଥିବା ବେଳେ ଚାଷୀ ମାନେ କ୍ରମାଗତ ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି । ଅପର ପକ୍ଷରେ ଭାଗ ଚାଷୀଙ୍କ କ୍ଷେତ୍ରରେ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ କିଷାନ କ୍ରେଡିଟ କାର୍ଡ ଓ ଜମି ପଟ୍ଟା ଦେଖାଇବା ମାନଦଣ୍ଡ ରହି ଥିବା ଯୋଗୁ ସେମାନେ ସରକାରୀ ମଣ୍ଡିରେ ସେମାନଙ୍କର ଧାନ ବିକ୍ରି କରି ନପାରି ବାଧ୍ୟହୋଇ ଅଭାବୀ ବିକ୍ରି କରୁଛନ୍ତି । ଏହିଭଳି ଅବସ୍ଥାରେ ଚାଷୀ ଓ ଭାଗଚାଷୀ ମାନେ ବହୁ ଆନ୍ଦୋଳନ କରିବା ଫଳରେ ପୂର୍ବତନ କଂଗ୍ରେସ ସରକାର ସ୍ୱାମୀନାଥନ କମିଶନ ବସାଇ ଥିଲେ ।କମିଶନ ତାଙ୍କ ରିପୋଟରେ ଚାଷରେ ଖର୍ଚ୍ଚ ହେଉଥିବା ହିସାବକୁ ଦୃଷ୍ଟିରେ ରଖି ଚାଷୀଙ୍କଠାରୁ $C_2$+୫୦% ଲାଭ ହିସାବରେ କୃଷିଜାତ ଦ୍ରବ୍ୟ ଖରିଦ୍ କରିବା ପାଇଁ ସରକାରଙ୍କୁ ସୁପାରିଶ କରିଥିଲେ । ଏହି ସୁପାରିଶ ଅନୁଯାୟୀ କଂଗ୍ରେସ ସରକାର ନିଜେ ବସାଇଥିବା କମିଶନର ରିପୋଟ କାର୍ଯ୍ୟକାରୀ କରିନଥିବା ବେଳେ ବର୍ତ୍ତମାନର ବିଜେପି ସରକାର ଲାଗୁକରୁନାହାନ୍ତି । ଅନ୍ୟଦିଗରେ ଏମଏସପିକୁ ଆଇନର ମାନ୍ୟତା ମଧ୍ୟ ଦେଉନାହାନ୍ତି । ଏହା ଫଳରେ ଚାଷୀମାନେ ବାଧ୍ୟହୋଇ ଆନ୍ଦୋଳର ମାର୍ଗ ନେଇଛନ୍ତି । ୨୦୨୦ ମସିହାରେ ଦିଲୀର ଐତିହାସିକ ଚାଷୀ ଆନ୍ଦୋଳନ ଦ୍ୱାରା ୩ କଳା ଆଇନ ପ୍ରତ୍ୟାହାର କରିବାପାଇଁ ବିଜେପି ସରକାର ବାଧ୍ୟ ହୋଇଥିଲେ । ସେତେବେଳେ ଏମଏସପିକୁ ଆଇନର ମାନ୍ୟତା ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ, ହେଲେ ବିଜେପି ସରକାର ଏହି ପ୍ରତିଶ୍ରୁତି ପାଳନ କରିନାହିଁ । ଏଣୁକରି ବର୍ତ୍ତମାନ ଏମଏସପିକୁ ଆଇନ କରିବା ଦାବିରେ ପଞ୍ଜାବ-ହରିଆନାର ଶମ୍ଭୁ ସୀମାନରେ ପୁନରାୟ ଆନ୍ଦୋଳନ ଚାଲିଛି । ଡବଲ ଇଞ୍ଜିନ ବିଜେପି ସରକାରଙ୍କ ଏତାଦୃଶ ଚାଷୀ ମାରଣ ନୀତି ଓ ସରକାରଙ୍କ ବେପାରୀ ତଥା ମିଲରପ୍ରୀତି ନୀତି ଯୋଗୁଁ ଚାଷୀ ଓ ଭାବଚାଷୀମାନେ ଲଗାତରଭାବେ ଚାଷରେ କ୍ଷତି ସାହୁଛନ୍ତି । ବ୍ୟାଙ୍କ ଋଣ ପରିଶୋଧ କରିନପାରି ଆତ୍ମହତ୍ୟା କରୁଛନ୍ତି । ଆମର ବିପ୍ଳବୀ ଚାଷୀ-ମୂଲିଆ ସଂଗଠନ ଅଲ ଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଗଠନ ସର୍ବଭାରତୀୟ ସ୍ତରରେ ଏହି ଆନ୍ଦୋଳନର ଅଂଶବିଶେଷ ଭାବେ ରହିଛି । ଗତ ନଭେମ୍ବର ୧୮ ତାରିଖ ଦିନ ଦେଶବ୍ୟାପୀ ଏମଏସପିକୁ ଆଇନର ଗ୍ୟାରେଣ୍ଟି ଦେବା ଦାବିରେ ଦେଶର ସମସ୍ତ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ସମାବେଶ ହୋଇଯାଇଛି । ଏହି ଆନ୍ଦୋଳନ ଆଗାମୀ ଦିନରେ ଆହୁରି ଶକ୍ତିଶାଳୀ ଯେ ହେବ,ଏଥିରେ ଆଦୌ ସନ୍ଦେହ ନାହିଁ । ଏମଏସପିକୁ ଆଇନର ମାନ୍ୟତା ଦେବା, ସ୍ମାର୍ଟମିଟର ବସାଇବା ସମ୍ପୂର୍ଣ୍ଣ ନିଷେଧ କରବା,ଚାଷଜମି ନୁହଁ,ସରକାରୀ ପତିତ ଜମି ଓ ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ସରକାରୀ ଉଦ୍ୟୋଗରେ କରିବା,ଚାଷ ଉପଯୋଗୀ ଓ ବାସ ଉପଯୋଗୀ ଜମି ଅଧିଗ୍ରହଣ ବନ୍ଦ କରିବା ଭଳି ଦାବି ଉଥାପନ କରି ଲଗାତର ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ କରାଯାଇଛି ।

# ଲାଲା ଲଜପତ ରାୟଙ୍କ ମୃତ୍ୟୁ ଦିବସ ଉପଲକ୍ଷେ ସାରା ଦେଶରେ ଜିଲାସ୍ତରୀୟ ଚାଷୀ ବିକ୍ଷୋଭ







ନଭେମ୍ବର ୧୮ ତାରିଖରେ ଏଆଇକେକେଏମଏସ କେନ୍ଦୁଝର ଜିଲା କମିଟି ପକ୍ଷରୁ କେନ୍ଦୁଝର ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। କମ୍ରେଡ଼ ଘନଶ୍ୟାମ ମାହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ସଙ୍ଗଠନର ରାଜ୍ୟ ସମ୍ପାଦକ କମ୍ରେଡ଼ ରଘୁନାଥ ଦାସ ଯୋଗଦେଇ ତାଙ୍କ ଭାଷଣରେ ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ ଓ ସରକାରୀ ପତିତ ତଥା ଖଣିଭିତିକ ଶିଳ୍ପ ସରକାରୀ ଉଦ୍ୟୋଗରେ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ବିକ୍ଷୋଭରେ କମ୍ରେଡ଼ ପ୍ରକାଶ ମଲ୍ଲିକ, ବେଣୁଧର ସର୍ଦାର, କାଇଦା ସର୍ଦାର ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ଏମଏସପିକୁ ଆଇନର ମାନ୍ୟତା ଦେବା, ଜଙ୍ଗଲ ଜମିରୁ ଆଦିବାସୀ ମାନଙ୍କୁ ଉଛେଦ ବନ୍ଦ କରିବା, ୨୦୦୬ ଜଙ୍ଗଲ ଅଧିକାର ଆଇନ ଅନୁଯାଇ ଦଖଲିକୃତ ଜମିକୁ ଦଖଲଦାର ମାନଙ୍କ ନାମରେ ପଟ୍ଟା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ୧୪ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଆପାଳଙ୍କୁ ପ୍ରଦାନ କରା ଯାଇଛି। ଏଥିସହିତ ରାଜ୍ୟବ୍ୟାପୀ ବିଭିନ୍ନ ଜିଲ୍ଲାରେ ଲାଲା ଲାଜପତ ରାୟଙ୍କ ମୃତ୍ୟୁ ଦିବସ ପାଳନ କରାଯାଇଛି।















# କମ୍ରେଡ ମହେଶ୍ୱର ପୁହାଣଙ୍କମୃତ୍ୟୁରେ ଗଭୀର ଶ୍ରଦ୍ଧାଞ୍ଜଳି

ଆମର ପ୍ରିୟ ଦଳ ଏସୟୁସିଆଇ(କମ୍ୟୁନିଷ୍ଟ) ଦଶରଥପୁର ବ୍ଲକ୍ ର ଦକ୍ଷିଣବନ୍ଧ ୟୁନିଟ ର ପାର୍ଟି ସଭ୍ୟ କମ୍ରେଡ ମହେଶ୍ୱର ପୁହାଣ ଗତ ନଭେମ୍ବର ୨୦ ତାରିଖ ଅପରାହ୍ନ ୫ଘଟିକା ସମୟରେ ଭୁବନେଶ୍ୱରସ୍ଥ କିମ୍ସ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ବରଣ କରିଛନ୍ତି।ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୮ ବର୍ଷ ବୟସ ହୋଇଥିଲା।ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ । ସେ ଛାତ୍ର ଅବସ୍ଥାରୁ ଏଆଇଡିଏସଓ ସଂଗଠନ ସହିତ ଯୁକ୍ତ ହୋଇ ସର୍ବହରାର ମହାନ ନେତା କମ୍ରେଡ ଶିବଦାସ ଘୋଷ ଙ୍କ ଚିନ୍ତା ଶିକ୍ଷାର ସଂସ୍ପର୍ଶରେ ଆସିଥିଲେ। ଛାତ୍ର ଜୀବନ ପରେ ୧୯୮୫ ମସିହାରୁହିଁ କମ୍ରେଡ ପୁହାଣ ପାର୍ଟିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଳନ କରିଆସୁଥିଲେ। ତାଙ୍କର ମୃତ୍ୟୁ ସେ ଅଞ୍ଚଳର ସଂଗଠନ ପାଇଁ ଏକ ବିରାଟ କ୍ଷତି ସୃଷ୍ଟି କଲା। ତାଙ୍କର ଏହି ଅକାଳ ମୃତ୍ୟୁ ଖବର ପାଇ ଦକ୍ଷିଣବନ୍ଧ ଓ ମଙ୍ଗଳପୁର ଅଂଚଳର ବହୁ ପାର୍ଟି କର୍ମୀ, ସମର୍ଥକ ଓ ଦରଦି କେନ୍ଦୁଆକୁଳ ସ୍ଥିତ ତାଙ୍କ ବାସଭବନ ରେ ପହଂଚି ଶେଷ ଦର୍ଶନ କରିବା ସହିତ ମରଶରୀରରେ ପୁଷ୍ପ ମାଲ୍ୟ ଅର୍ପଣ କରି ବିପ୍ଲବୀ ଶ୍ରଦ୍ଧାଞ୍ଜଳୀ ଜଣାଇବା ସଙ୍ଗେ ସଙ୍ଗେ ତାଙ୍କର ପରିବାର ସଦସ୍ୟ ମାନଙ୍କ ପ୍ରତି ସମବେଦନା ଜଣାଇଥିଲେ।

ନଭେମ୍ବର ୨୬ ତାରିଖରେ ଦକ୍ଷିଣବନ୍ଧ ପାର୍ଟି ଅଫିସରେ କମ୍ରେଡ ମହେଶ୍ୱର ପୁହାଣଙ୍କ ସ୍ମୃତିରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପାର୍ଟିର ଯାଜପୁର ଜିଲ୍ଲା କମିଟି ସଭ୍ୟ କମ୍ରେଡ ଅଭିମନ୍ୟୁ ମଲ୍ଲିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପାର୍ଟିର ରାଜ୍ୟ କମିଟି ସଭ୍ୟ ତଥା ଜିଲ୍ଲା ସମ୍ପାଦକ କମ୍ରେଡ ସୁରେନ୍ଦ୍ର ମଲ୍ଲିକ,ରାଜ୍ୟ କମିଟି ସଭ୍ୟ କମ୍ରେଡ ବିଭୂତି ନାୟକ, କମ୍ରେଡ ନୃସିଂହ ପଣ୍ଡା, ଜିଲ୍ଲା କମିଟି ସଭ୍ୟ ରାଧାବଲ୍ଲଭ



ମଲ୍ଲିକ, କମ୍ରେଡ ଅକ୍ଷୟ ପଣ୍ଡା ପ୍ରମୁଖ କମ୍ରେଡ ମହେଶ୍ୱର ପୁହାଣଙ୍କ ଚରିତ୍ରର କେତେକ ଶିକ୍ଷଣୀୟ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଶୋକ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ କମ୍ରେଡ ଶୈଳେନ୍ଦ୍ର ନାୟକ, ଅଜୟ ପରିଡା, ଅନିରୁଦ୍ଧ ପାଣ୍ଡବ, ପ୍ରକାଶ ନାୟକ, ଲକ୍ଷ୍ମୀଧର ସାମଲ,ଭିକାରୀ ମଲ୍ଲିକ, ଖଗେଶ୍ୱର ନାୟକ ପ୍ରମୁଖ ମଧ୍ୟ ବକ୍ତବ୍ୟ ରଖି ଥିଲେ। ସଭାରେ ଦକ୍ଷିଣବନ୍ଧ ଅଂଚଳର ବହୁ ସଂଖ୍ୟାରେ ପାର୍ଟି କର୍ମୀ, ସମର୍ଥକ ଓ ଦରଦି ଯୋଗ ଦେଇ କମ୍ରେଡ ମହେଶ୍ୱର ପୁହାଣଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ଶେଷରେ ସର୍ବହରାର ମହାନ ନେତା କମ୍ରେଡ ଶିବଦାସ ଘୋଷ ଙ୍କ ଉପରେ ରଚିତ ସଙ୍ଗୀତ ଗାନ ମଧ୍ୟଦେଇ ସଭା ଶେଷ ହୋଇଥିଲା।

**କମ୍ରେଡ ମହେଶ୍ୱର ପୁହାଣ**
**ଲାଲ ସଲାମ**

★★★

# ବରଗଡ଼ ଜିଲ୍ଲାର ରାଜବୋଡା କୃଷକ ସଙ୍ଗଠନ


ନଭେମ୍ବର ୮ ତାରିଖ ଦିନ ଶ୍ରୀଯୁକ୍ତ ଲିଙ୍ଗରାଜ ପଧାନଙ୍କ ସଭାପତିତ୍ୱରେ ପଦ୍ମପୁର ଗୋରୁହାଟ ଠାରେ ବରଗଡ ଜିଲ୍ଲାର ୧୨ ଟି ବ୍ଲକରୁ ଚାଷୀମାନେ ଏକଜୁଟ ହୋଇଥିଲେ। ଏହି ସମାବେଶରେ ସଂଗଠନର ମୁଖ୍ୟ ସଂଯୋଜକ ଜନପ୍ରିୟ ନେତା ଶ୍ରୀଯୁକ୍ତ ରମେଶ ମହାପାତ୍ର ଏକ ସଂକ୍ଷିପ୍ତ ବିବରାଣୀ ଦେଇ ଆନ୍ଦୋଳନର ଆ୍ୱଶ୍ୟକତା ଉପରେ ଗୁତୁତ୍ୱ ଦେଇଥିଲେ। ଏହି ସମାବେଶରେ ଏଆଇକେକେଏମଏସର ଓଡିଶା ରାଜ୍ୟ ସମ୍ପାଦକ କମ୍ରେଡ଼ ରଘୁନାଥ ଦାସ ଯୋଗଦେଇ ଥିଲେ।ତାଙ୍କ ଉଦବୋଧନ ରେ ଏମଏସପିକୁ ଆଇନର ଗ୍ୟାରେଣ୍ଟି ଦେବା, ବିଦ୍ୟୁତ ବିଲ ୨୦୨୩ କୁ ବାତିଲ କରିବା, ରାଷ୍ଟ୍ରୀୟ ବ୍ୟବସାୟ ବାଣିଜ୍ୟ ପ୍ରଚଳନ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ବକ୍ତବ୍ୟ ରଖିଥିଲେ। ଏହି ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ଏଆଇକେଏସର କମ୍ରେଡ଼ କୃଷ୍ଣପ୍ରାସାଦ, ଆଫଲଟୁନ,ଚୌଧୁରୀ ରାଜେନ୍ଦ୍ର ଙ୍କ ସମେତ ବହୁ ସ୍ଥାନୀୟ ନେତା ସେମାନଙ୍କର ବକ୍ତବ୍ୟ ରଖିଥିଲେ। ସ୍ୱାମୀନାଥନ କମିଶନ ସୁପାରିଶ





ଅନୁଯାଇ ଧାନ କୁଇଣ୍ଟାଲର ମୂଲ୍ୟ ଉତ୍ପାଦନ ଖର୍ଚ୍ଚର ଦେଢ଼ ଗୁଣ ଯୁକ୍ତ ୫୦ ପ୍ରତିଶତ ମୂଲ୍ୟ ନିର୍ଧାରଣ, ଏମଏସପି କୁ ଆଇନର ଗ୍ୟାରେଣ୍ଟି ପ୍ରଦାନ, ସ୍ମାର୍ଟ ମିଟର ବସାଇବା ବନ୍ଦ, ମନରେଗା ଯୋଜନା ଅନୁଯାୟୀ ମୂଲିଆ ମାନଙ୍କୁ ୩୬୫ ଦିନ ଦୈନିକ ୬୦୦ ଟଙ୍କା ମଜୁରୀ ଦେଇ କାମ ଯୋଗାଇବା, ଚାଷ ଜମିରେ କାରଖାନା ନିର୍ମାଣ ପରିବର୍ତ୍ତେ ସରକାରୀ ପତିତ ଜମିରେ କାରଖାନା ନିର୍ମାଣ ଆଦି ଦାବି ନେଇ ଆନ୍ଦୋଳନ ବ୍ୟାପକ କରିବା ପାଇଁ ଘୋଷଣା କରାଯାଇଛି।

★★★

# ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ ତଥା ଅନ୍ୟାନ୍ୟ ଶିକ୍ଷା ସମସ୍ୟା ସମାଧାନ ଦାବିରେ ଦିଲ୍ଲୀଠାରେ ଏଆଇଡିଏସଓର ଦଶମ ସର୍ବଭାରତୀୟ ଛାତ୍ର ସମ୍ମିଳନୀ ଉଦଯାପିତ








ଦେଶର ଲଢୁଆ ବିପ୍ଳବୀ ଛାତ୍ର ସଂଗଠନ ଏଆଇଡିଏସଓ ନେତୃତ୍ୱରେ ଅନୁଷ୍ଠିତ ଐତିହାସିକ ଦଶମ ସର୍ବଭାରତୀୟ ଛାତ୍ର ସମ୍ମିଳନୀ ଗଭୀର ଆବେଗ, ଅମାପ ସମ୍ଭାବନା, ଅସୀମ ଆତ୍ମପ୍ରତ୍ୟୟ ସହ ଶିକ୍ଷା, ସଭ୍ୟତା, ମାନବତା ଉପରେ ଆସୁଥିବା ଅସଂଖ୍ୟ ଆକ୍ରମଣକୁ ପ୍ରତିହତ କରିବାର ଅଦମ୍ୟ ସାହସ, ଦୁର୍ବାର ସଂକଳ୍ପ ନେଇ ଆମ ଦେଶର ରାଜଧାନୀ ଦିଲ୍ଲୀଠାରେ ଉଦଯାପିତ ହୋଇଯାଇଛି । ଆଉ ଏହି ଅବିସ୍ମରଣୀୟ ଐତିହାସିକ ମୁହୂର୍ତ୍ତଗୁଡିକୁ ଯୋଗଦେଇଥିବା ସମସ୍ତ ପ୍ରତିନିଧି ପ୍ରତ୍ୟକ୍ଷ କରିଛନ୍ତି, ଅନୁଭବ କରିଛନ୍ତି ,ବହୁ ନୂତନ ଅଭିଜ୍ଞତା ଓ ଶିକ୍ଷା ଲାଭ କରିଛନ୍ତି। ହୁଏତ କିଛି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି, ତଥାପି ସାରା ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ଛାତ୍ରଛାତ୍ରୀଙ୍କ ଆବେଗଭରା ଆତ୍ମୀୟତା, ଇସ୍ପାତୀୟ ଐକ୍ୟ, ଭାରତବର୍ଷର ସ୍ୱାଧୀନତା ସଂଗ୍ରାମର ଆପୋଷହୀନ ଧାରାର ସ୍ୱାଧୀନତା ସଂଗ୍ରାମୀ ତଥା ଏ ଯୁଗର ଅନ୍ୟତମ ମାର୍କ୍ସବାଦୀ ଦାର୍ଶନିକ କମ୍ରେଡ ଶିବଦାସ ଘୋଷଙ୍କ ଶିକ୍ଷାର ଭିତ୍ତିରେ ଗଠିତ ଏଆଇଡିଏସଓ ଛାତ୍ର ସଂଗଠନର ଲକ୍ଷ୍ୟ ଉଦ୍ଦେଶ୍ୟ ପ୍ରତି ସମର୍ପିତ ଛାତ୍ରଛାତ୍ରୀ, ଛାତ୍ରନେତାମାନଙ୍କ କଠିନ ପରିଶ୍ରମ ସମସ୍ତଙ୍କୁ ନିଶ୍ଚିତ ପ୍ରେରଣା ଦେଇଛି।

ସାରା ଦେଶରେ ଏହି ଛାତ୍ର ସମ୍ମିଳନୀ ପାଇଁ ପ୍ରସ୍ତୁତି କାର୍ଯ୍ୟ ଦୀର୍ଘଦିନ ଧରି ଚାଲିଥିଲା। ଦେଶର କୋଣଅନୁକୋଣରେ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚାର କାର୍ଯ୍ୟ ଚାଲିଥିଲା। ସଂଗଠନର କର୍ମୀ ସମର୍ଥକମାନେ ସ୍କୁଲ କଲେଜ ଠାରୁ ଆରମ୍ଭ କରି, ନିଜ ନିଜ ଅଞ୍ଚଳରେ ଘର ଘର ଯାଇ ସମ୍ମିଳନୀର ବାର୍ତ୍ତା ପହଂଚାଇବା ସହ ବହୁ କଷ୍ଟ କରି ସମ୍ମିଳନୀ ପାଇଁ ପାଣ୍ଠି ସଂଗ୍ରହ କରୁଥିଲେ। ରାତିଦିନ ଏକକରି ପୋଷ୍ଟରିଂ, ପ୍ରାଚୀର ଲିଖନ ଆଦି କାର୍ଯ୍ୟ ମଧ୍ୟ ଦେଇ ସମ୍ମିଳନୀର ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଥିଲା। ସମ୍ମିଳନୀର ଦିନ ଯେତେ ପାଖେଇ ଆସୁଥିଲା ସମ୍ମିଳନୀକୁ ଯିବାପାଇଁ ପ୍ରସ୍ତୁତ ହେଉଥିବା ପ୍ରତିନିଧିମାନଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିବାରେ ଲାଗୁଥିଲା। ଦେଶର ରାଜଧାନୀ ଦିଲ୍ଲୀ ଠାରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ଛାତ୍ର ସମ୍ମିଳନୀରେ ଯୋଗଦେବାପାଇଁ ଦେଶର କୋଣଅନୁକୋଣରୁ ହଜାର ହଜାର ଛାତ୍ରଛାତ୍ରୀ ଗୋଟିଏ ପଟେ ଦିଲ୍ଲୀର ପ୍ରବଳ ଶୀତ, ଅତ୍ୟନ୍ତ ଦୂଷିତ ବାୟୁମଣ୍ଡଳ ଏବଂ ଅନ୍ୟପଟେ ଶିକ୍ଷାନୁଷ୍ଠାନଗୁଡିକରେ ପରୀକ୍ଷାର ବାଧାକୁ ବେଖାତିରକରି ୨୫ ତାରିଖ ରାତିରୁ ଦିଲ୍ଲୀର ରେଳଷ୍ଟେସନଗୁଡିକରେ ପହଂଚିବା ଆରମ୍ଭ କରିଥିଲେ। ଶେଷରେ ଆସି ପହଂଚିଲା ଛାତ୍ରଛାତ୍ରୀଙ୍କ ପ୍ରତିକ୍ଷିତ ୨୭ ତାରିଖର ଖୋଲା ଅଧିବେଶନ ।

ଏଆଇଡିଏସଓ ପକ୍ଷରୁ ନଭେମ୍ବର ୨୭ ରୁ ୨୯ ପର୍ଯ୍ୟନ୍ତ ଜାତୀୟ ଶିକ୍ଷାନୀତି ୨୦୨୦ ବାତିଲ, ଶିକ୍ଷା, ସଂସ୍କୃତି ଓ ମାନବତାର ସୁରକ୍ଷା ତଥା ଅନ୍ୟାନ୍ୟ ଶିକ୍ଷା ସମସ୍ୟା ସମାଧାନ ଦାବିରେ ଦଶମ ସର୍ବଭାରତୀୟ ଛାତ୍ର ସମ୍ମିଳନୀର ଖୋଲା ଅଧିବେଶନରେ ଯୋଗଦେବାପାଇଁ ଦିଲ୍ଲୀର ତାଲକଟୋରା ଷ୍ଟାଡିୟମ୍‌ଠାରେ ଏକତ୍ରିତ ହୋଇଥିଲେ ସାରାଦେଶରୁ ହଜାର ହଜାର ଛାତ୍ରଛାତ୍ରୀ। ଏହି ଖୋଲା ଅଧିବେଶନ ସଂଗଠନର ପତାକା ଉତ୍ତୋଳନ କରିବା ମଧ୍ୟଦେଇ ଆରମ୍ଭ ହୋଇଥିଲା। ଉଦ୍ଧୃତି ପ୍ରଦର୍ଶନୀକୁ ଉଦ୍ଘାଟନ କରିଥିଲେ ଦେଶର ଜଣାଶୁଣା ଅର୍ଥନୀତିଜ୍ଞ ପ୍ରଫେସର ଅରୁଣ କୁମାର, ଡିୟୁଟିଏ, ଏଫ୍‌ଇଡିସିୟୁଟିଏର ପୂର୍ବତନ ସଭାପତି ପ୍ରଫେସର ନନ୍ଦିତା ନାରାୟଣନ୍ ଚିତ୍ରକଳା ପ୍ରଦର୍ଶନୀକୁ, ଜେ.ଏନ୍.ୟୁ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଏବଂ ଦି ଇନଷ୍ଟିଚ୍ୟୁଟ ଅଫ ଯୋଗ୍ରାଫରସ୍ ର ସଭାପତି ସଚ୍ଚିଦାନନ୍ଦ ସିହ୍ନା ଉଦ୍ଘାଟନ କରିଥିଲେ ଫଟୋ ପ୍ରଦର୍ଶନୀକୁ।

ସମ୍ମିଳନୀର ପ୍ରକାଶ୍ୟ ଅଧିବେଶନ ବର୍ଷୀୟାନ ଐତିହାସିକ ପ୍ରଫେସର ଇର୍ଫାନ ହବିବଙ୍କ ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦଘାଟିତ ହୋଇଥିଲା। ପ୍ରଖ୍ୟାତ ଐତିହାସିକ ପ୍ରଫେସର ରୋମିଲା ଥାପରଙ୍କ ଭିଡିଓ ବାର୍ତ୍ତା ପରେ, ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଲେଖକ ଓ ଭଗତ ସିଂହ ଆର୍କାଇଭର ଉପଦେଷ୍ଟା ପ୍ରଫେସର ଚମନ ଲାଲ୍ ଏବଂ ଅନ୍ୟତମ ଅତିଥି ଭାବରେ ଏଆଇଡିଏସଓର ପୂର୍ବତନ ସଭାପତି କମ୍ରେଡ ଅରୁଣ କୁମାର ସିଂ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଖୋଲା ଅଧିବେଶନର ଉଦ୍‌ଘାଟନୀ ସଭାରେ ପ୍ରଫେସର ଚମନ ଲାଲ ଏନଇପି-୨୦୨୦ ଶିକ୍ଷାର ଘରୋଇକରଣ, ବ୍ୟବସାୟୀକରଣ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଛି ବୋଲି ତାଙ୍କ ଅଭିଭାଷଣରେ ଦୃଢ଼ ଭାବରେ ମତପ୍ରକାଶ କରି ଏହା ବିରୁଦ୍ଧରେ ସମଗ୍ର ଦେଶରେ ଦୁର୍ବାର ଛାତ୍ର ଆନ୍ଦୋଳନ ଗଢିତୋଳିବା ପାଇଁ ଆହ୍ୱାନ ଦେଇଥିଲେ। ଏଆଇଡିଏସ୍‌ଓର ପୂର୍ବତନ ସଭାପତି କମ୍ରେଡ ଅରୁଣ କୁମାର ସିଂ ଛାତ୍ର ଆନ୍ଦୋଳନର ଗୌରବୋଜ୍ଜ୍ୱଳ ଇତିହାସ ବିଷୟରେ ଆଲୋକପାତ କରିଥିଲେ ଏବଂ କହିଲେ ଯେ ଏହି ସର୍ବଭାରତୀୟ ସମ୍ମିଳନୀ ଲୋକଙ୍କ ଅଭୂତପୂର୍ବ ସମର୍ଥନ ଲାଭ କରିଛି ଯାହା ଦେଶର ବିପର୍ଯ୍ୟସ୍ତ ଶିକ୍ଷାର ବ୍ୟବସ୍ଥା ପ୍ରତି ସରକାରଙ୍କ ଉଦାସୀନତା ବିରୁଦ୍ଧରେ ଲୋକଙ୍କ କ୍ଷୋଭକୁ ସୂଚୀତ କରୁଛି।ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ଏଆଇଡିଏସଓର ସାଧାରଣ ସମ୍ପାଦକ କମ୍ରେଡ ସୌରଭ ଘୋଷ ଓ ଅନ୍ୟତମ ବକ୍ତା ଭାବେ ବକ୍ତବ୍ୟ ରଖିଥିଲେ ସଂଗଠନର ସର୍ବଭାରତୀୟ ସଭାପତି କମ୍ରେଡ୍ ଭିଏନ ରାଜଶେଖର। ବିଭିନ୍ନ ବାମ, ଗଣତାନ୍ତ୍ରିକ ଛାତ୍ର ସଂଗଠନର ପ୍ରତିନିଧିମାନଙ୍କ ବକ୍ତବ୍ୟ ସହିତ ପରବର୍ତ୍ତୀ ଅଧିବେଶନ ସଫଳ ଭାବେ ଅନୁଷ୍ଠିତ ହୋଇଥିଲା। ଏଆଇଏସ୍‌ଏ(AISA) ପକ୍ଷରୁ ପ୍ରସନ୍ନଜିତ କୁମାର ଏଆଇଏସ୍‌ବି(AISB) ପକ୍ଷରୁ ଜୟବର୍ଦ୍ଧନ, ଏଆଇଏସ୍‌ଏଫ (AISF)ପକ୍ଷରୁ ଫରାଜ ଦେଭଙ୍ଗ, ପିଏସ୍‌ୟୁ(PSU) ପକ୍ଷରୁ ଟୋଟଲ ମହମ୍ମଦ ସୈଫୁଲ୍ଲା ଏହି ସମାବେଶରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଏକ ସାଂସ୍କୃତିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧିମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇଥିଲା। ଏହି ଅଧିବେଶନକୁ ବିଶିଷ୍ଟ କବି ତଥା ସିଏସଆଇଆର୍ ର ପୂର୍ବତନ ମୁଖ୍ୟ ବୈଜ୍ଞାନିକ ଡ.ଗୌହର ରାଜା ଉଦ୍ଘାଟନ କରିବା ସହ ସାମାଜିକ ଆନ୍ଦୋଳନରେ କଳା, ସାହିତ୍ୟ ଓ ସଂସ୍କୃତିର ଭୂମିକା ସଂପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରି ତାଙ୍କ ସ୍ୱରଚିତ କବିତା 'ସାଜିସ' ଏବଂ ଫୈଜଙ୍କ 'ହମ ଭି ଦେଖେଙ୍ଗେ' ଆବୃତ୍ତି କରିଥିଲେ।

ନଭେମ୍ବର ୨୮ ତାରିଖ ଦିନ ଦେଶର ଖ୍ୟାତନାମା ବୁଦ୍ଧିଜୀବୀମାନଙ୍କୁ ଜଡିତ କରିବା ସହ ଏକ ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ଜମିରୁଦ୍ଦିନ ଶାହ, ପ୍ରଫେସର ଏଲ ଜବାହର ନେଶାନ, ପ୍ରଫେସର ରାମ ପୁନିୟାନୀ, ପ୍ରଫେସର ନବନୀତ ଶର୍ମା, ପ୍ରଫେସର ୱେଣ୍ଡେଲ ପାଶା, ଡ଼ଃ ତରୁଣ ମଣ୍ଡଳ ପ୍ରମୁଖ ଅଂଶଗ୍ରହଣ କରି ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷା ବ୍ୟବସ୍ଥାକୁ ସମୂଳେ ଧ୍ୱଂସ କରିବା ସହିତ ଶିକ୍ଷାର ବ୍ୟବସାୟୀକରଣ, କେନ୍ଦ୍ରୀକରଣ ଓ ସାମ୍ପ୍ରଦାୟୀକରଣ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ ବୋଲି ମତ ଦେଇଥିଲେ। ବିଦେଶରୁ ଆସିଥିବା ଛାତ୍ର ସଙ୍ଗଠନମାନଙ୍କ ନେତୃବୃନ୍ଦଙ୍କ ସହ ଆଉ ଏକ ବିଶେଷ ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହାପରେ ଆରମ୍ଭ ହୋଇଥିଲା ପ୍ରତିନିଧି ଅଧିବେଶନ। କମ୍ରେଡ ଭିଏନ ରାଜଶେଖରଙ୍କ ନେତୃତ୍ୱରେ ଗଠିତ ସଭାପତି ମଣ୍ଡଳୀ ପ୍ରତିନିଧି ଅଧିବେଶନକୁ ପରିଚାଳନା କରିଥିବାବେଳେ ଏହି ଅଧିବେଶନରେ ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧିମାନେ ଶିକ୍ଷା ସମସ୍ୟା ସମାଧାନ ଦାବିରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ଏବଂ ଏହାରି ଭିତ୍ତିରେ ଆଗାମୀ ଦିନରେ ଶକ୍ତିଶାଳୀ ଛାତ୍ର ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହା ସହିତ ପୁଞ୍ଜିବାଦୀ ଲୁଟରୁ ପରିବେଶକୁ ରକ୍ଷା କରିବା, ମଣିପୁରରେ ଚାଲିଥିବା ନରସଂହାରକୁ ତୁରନ୍ତ ବନ୍ଦ କରିବା, ସାମ୍ରାଜ୍ୟବାଦୀ ଯୁଦ୍ଧ ବନ୍ଦ କରିବା ଆଦି ବିଭିନ୍ନ ପ୍ରସ୍ତାବ ଏହି ସମ୍ମିଳନୀରେ ଗୃହୀତ ହୋଇଥିଲା। ଏହ ଅଧିବେଶନ ୨୯ ତାରଖରେ ଆଗାମୀ ଦିନରେ ଶିକ୍ଷା ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ସହିତ ସଂଗଠନକୁ ଶକ୍ତିଶାଳୀ କରି ଗଢି ତୋଳିବା ପାଇଁ ସମ୍ମିଳନୀରେ କମ୍ରେଡ ସୌରଭ ଘୋଷକୁ ସଭାପତି, କମ୍ରେଡ ଶିବାଶିଷ ପ୍ରହରାଜ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ। ଏହାବ୍ୟତୀତ ୨୦୨ ଜଣିଆ କେନ୍ଦ୍ରୀୟ ପରିଷଦ ମଧ୍ୟ ସମ୍ମିଳନୀରେ ନିର୍ବାଚିତ ହୋଇଥିଲା। ଉଦଯାପନୀ ଅଧିବେଶନରେ ଏସୟୁସିଆଇ(ସି)ର କେନ୍ଦ୍ରୀୟ ପଲିଟବ୍ୟୁରୋ ସଦସ୍ୟ କମ୍ରେଡ ଚଣ୍ଡିଦାସ ଭଟ୍ଟାଚାର୍ଯ୍ୟ ଯୋଗଦେଇ ଶିକ୍ଷା, ସଂସ୍କୃତି, ମାନବତା ଉପରେ ହେଉଥିବା ଆକ୍ରମଣ ଏବଂ ଏହି ପରିସ୍ଥିତିରେ ଛାତ୍ର ଛାତ୍ରୀଙ୍କ ଭୂମିକା ସମ୍ପର୍କରେ ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ। ସର୍ବଶେଷରେ ଏଆଇଡିଏସଓର ପ୍ରଥମ ସାଧାରଣ ସମ୍ପାଦକ ତଥା ଏସୟୁସିଆଇ(ସି)ର ସାଧାରଣ ସମ୍ପାଦକ କମ୍ରେଡ ପ୍ରଭାସ ଘୋଷ ଭିଡିଓ ବାର୍ତ୍ତା ମାଧ୍ୟମରେ ଉଦବୋଧନ ଦେଇ ଆଜିର ଜାତୀୟ, ଆନ୍ତର୍ଜାତୀୟ ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ ଓ ସର୍ବଶେଷରେ ଜଣେ ଛାତ୍ର ସଂଗଠକ ଭାବେ ନିଜର ସାମାଜିକ ଦାୟିତ୍ୱ ପାଳନ କରିବାକୁ ସମ୍ମିଳନୀର ପ୍ରତିନିଧି ମାନଙ୍କୁ ଆହ୍ୱାନ ଦେଇଥିଲେ। ଏଆଇଡିଏସଓର ସଙ୍ଗୀତ ଗାନ ମଧ୍ୟ ଦେଇ ଐତିହାସିକ ୧୦ମ ସର୍ବଭାରତୀୟ ଛାତ୍ର ସମ୍ମିଳନୀର କାର୍ଯ୍ୟକ୍ରମ ଶେଷ ହୋଇଥିଲା।

ଛାତ୍ର ସମ୍ମିଳନୀ ପରେ ନଭେମ୍ବର ୩୦ ରେ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ତୁରନ୍ତ ବାତିଲ କରିବା, ଶିକ୍ଷାକ୍ଷେତ୍ରରେ ଫିସ୍ ବୃଦ୍ଧି ବନ୍ଦ କରିବା, ସରକାରୀ ଶିକ୍ଷାକୁ ସୁରକ୍ଷିତ କରିବା, ସମସ୍ତ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଶିକ୍ଷକ, ଅଧ୍ୟାପକ, ଶିକ୍ଷା କର୍ମଚାରୀ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବା,ସରକାରୀ ବିଶ୍ୱବିଦ୍ୟାଳୟଗୁଡିକର ସ୍ୱାୟତ୍ତତା ଫେରାଇଦେବା, ବନ୍ଦ ହୋଇଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡିକ ତୁରନ୍ତ ଖୋଲିବା, ଏନ୍‌ଟିଏକୁ ରଦ୍ଦ କରିବା, ପରୀକ୍ଷା ପରିଚାଳନାରେ ସମସ୍ତ ଅନିୟମିତତାକୁ ଦୂର କରିବା, ଡାକ୍ତରୀ ଶିକ୍ଷାରେ ଅବୈଜ୍ଞାନିକ ସିବିଏମଇ ପ୍ରଚଳନ ବନ୍ଦ କରିବା ଓ ନେକ୍ସଟ୍ ବାତିଲ କରିବା, ଚାରି ବର୍ଷିଆ ଡିଗ୍ରୀ କୋର୍ସ ପ୍ରଚଳନ ବନ୍ଦ କରିବା, ଅବିଳମ୍ବେ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ କରାଇବା, କ୍ୟାମ୍ପସ ଓ ବାହାରେ ଛାତ୍ରୀ ତ ?ଥା ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପ୍ରମୁଖ ଦାବିରେ ଜନ୍ତର ମନ୍ତର ଠାରେ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା।








## 'ନ୍ୟାୟଦେବୀ'ଙ୍କର . . .

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଜନସାଧାରଣଙ୍କ ସ୍ୱାର୍ଥରେ ବ୍ୟବହାର କରିବା କଥାଟାର କୌଣସି ବାସ୍ତବ କାର୍ଯ୍ୟକାରୀତା ନାହିଁ। ମହାନ ମାର୍କ୍ସବାଦୀ ଚିନ୍ତାନାୟକ କମ୍ରେଡ୍ ଶିବଦାସ ଘୋଷ ବହୁ ଦଶଂଧି ପୂର୍ବରୁହିଁ କହିଥିଲେ ଯେ ଭାରତ ଭଳି ଗୋଟିଏ ପୁଞ୍ଜିବାଦୀ ରାଷ୍ଟ୍ରରେ କୌଣସି ବିଷୟ ଆଇନ ସମ୍ମତ ହେଲେ ମଧ୍ୟ ତାହା ନ୍ୟାୟ ସଂଗତ ହୋଇନପାରେ। ପୁଣି ଯାହା ନ୍ୟାୟସଂଗତ ତାହା ଆଇନ ସଙ୍ଗତ ନହୋଇପାରେ। ଦେଖାଯାଉଛି ଯେ ମାଲିକମାନଙ୍କ ସ୍ୱାର୍ଥକୁ ଲକ୍ଷ୍ୟ ରଖି କେନ୍ଦ୍ର ସରକାର ଯେତେବେଳେ ଶ୍ରମକୋର୍ଡ ପ୍ରଚଳନ କରି ଶ୍ରମିକମାନଙ୍କର ଅର୍ଜିତ ଅଧିକାର ଗୁଡ଼ିକୁ ଅପହରଣ କଲେ ତାହା ଯଦି ବି ଆଇନ ସମ୍ମତ ହୁଏ ତା'ହେଲେ ମଧ୍ୟ କଦାଚିତ ନ୍ୟାୟ ସଂଗତ ନୁହେଁ। ପୁଣି ଏହା ବିରୁଦ୍ଧରେ ଶ୍ରମିକମାନଙ୍କ ପ୍ରତିରୋଧ ଆନ୍ଦୋଳନ ଆଇନ ସଙ୍ଗତ ନହେଲେ ମଧ୍ୟ ନିଶ୍ଚିତ ଭାବରେ ନ୍ୟାୟ ସଂଗତ।

ଆଇନର ବହିରେ ସଂଖ୍ୟାଗରିଷ୍ଠ ଜନସାଧାରଣଙ୍କ ସ୍ୱାର୍ଥ ରକ୍ଷା କଥା ଲେଖା ହୋଇଥିଲେ ମଧ୍ୟ ବାସ୍ତବରେ କଣ ତାହା ଘଟେ ? ବର୍ତ୍ତମାନ ବ୍ୟବସ୍ଥାରେ ଏହି ଆଇନର ସୁବିଧା ଭୋଗକରନ୍ତି ବିତ୍ତଶାଳୀମାନେ, ବଂଚନା-ପ୍ରତାରଣାଶୀକାର ସାଧାରଣ ଲୋକ ଏହାର ସୁବିଧା ଭୋଗ କରନ୍ତି ନାହିଁ। ଏହା ବ୍ୟତୀତ ବିଚାର ବ୍ୟବସ୍ଥାର ଭିତରେ ଅସଂଖ୍ୟ ଫାଙ୍କ ରହିଛି। ସେହି ଫାଙ୍କକୁ ବ୍ୟବହାରକରି ପ୍ରତିପତ୍ତିଶାଳୀମାନେ ନିଜର ସ୍ୱାର୍ଥ ରକ୍ଷା କରନ୍ତି। ଫଳରେ ସାଧାରଣ ଲୋକଙ୍କ ସ୍ଥାନରେ ପ୍ରଭାବଶାଳୀମାନଙ୍କ ସ୍ୱାର୍ଥହିଁ ରକ୍ଷା ହୁଏ। ସାଧାରଣ ଲୋକ ପ୍ରାୟତଃ ନ୍ୟାୟ ପାଇବାପାଇଁ ହେଉଥିବା ବିପୁଳ ବ୍ୟୟକୁ ଡରି ନ୍ୟାୟାଳୟକୁ ଯାଆନ୍ତି ନାହିଁ।

ସେଥିପାଇଁ ନ୍ୟାୟ ବିଚାରତ ଅନେକ ଦୂରର କଥା। ବିଚାର ବ୍ୟବସ୍ଥାର ରୁଦ୍ଧଦ୍ୱାରାରେ ମୁଣ୍ଡ ପିଟିବା ବ୍ୟତୀତ ସାଧାରଣ ଲୋକର ଅନ୍ୟକୌଣସି ଉପାୟ ନଥାଏ। ପାହାଡ଼ ପ୍ରମାଣେ ଟଙ୍କା ବଳରେ ବିକ୍ରି ହୋଇଯାଏ ଆଇନ ବ୍ୟବସ୍ଥା-ବିଚାର ବ୍ୟବସ୍ଥା। ବାସ୍ତବରେ ଆଇନର ଶାସନର ପ୍ରକୃତ ଅର୍ଥ ହେଉଛି ଟଙ୍କାର ଶାସନ। ଟଙ୍କା ଦେଇ ନ୍ୟାୟ ଖରିଦ କରିବାକୁ ହୁଏ। ଏହାବ୍ୟତୀତ ରାଜନୈତିକ କ୍ଷମତା ମଧ୍ୟ ବିଚାର ପ୍ରକ୍ରିୟାକୁ ନିୟନ୍ତ୍ରଣ କରେ। ଏହା ଭୁରି ଭୁରି ଉଦାହରଣ ରହିଛି। ବର୍ତ୍ତମାନର କେନ୍ଦ୍ର ସରକାରର ନୀତିଗୁଡ଼ିକୁ ବିରୋଧ କରୁଥିବା ଶହ ଶହ ଲୋକ ବର୍ଷ ବର୍ଷ ଧରି ଜେଲରେ ସଢୁଛନ୍ତି। ଲକ୍ଷ ଲକ୍ଷ ଲୋକ ନ୍ୟାୟ ବିଚାରର ଅପେକ୍ଷାରେ ଜେଲରେ ସଢୁଛନ୍ତି। କେବେଳ ସେତିକି ନୁହେଁ ଅନେକ ସମୟରେ ଇଚ୍ଛାକୃତ ଭାବରେ ବିଚାର ପ୍ରକ୍ରିୟାକୁ ଦୀର୍ଘାୟିତ କରାଯାଏ। ଫଳରେ ପ୍ରକୃତ ନ୍ୟାୟ ଆଶାୟୀ ବ୍ୟକ୍ତି ନ୍ୟାୟ ପାଇବାରୁ ବଂଚିତ ହୁଏ। ଏପରିକି ତାର ଜୀବଦ୍ଦଶାରେ ମଧ୍ୟ ନ୍ୟାୟ ପାଏ ନାହିଁ। ବିଳମ୍ବିତ ନ୍ୟାୟ, ନ୍ୟାୟ ଆଶାୟୀଙ୍କୁ ନ୍ୟାୟ ପାଇବାରୁ ବଂଚିତ କରେ। Justice delayed is Justice denied ଖଣ୍ଡ ବାକ୍ୟଟିଯେ କେତେ ବେଦନାଦାୟକ ସେକଥା ଅନୁଭବି ହିଁ ଅନୁଭବ କରେ।

ଯେକୌଣସି ରାଷ୍ଟ୍ରର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହେଉଛି ଏହାର ବିଚାର ବିଭାଗ। ରାଷ୍ଟ୍ରକ୍ଷମତାରେ ଆସୀନ ଶାସକ ଶ୍ରେଣୀର ସାମଗ୍ରିକ ସ୍ୱାର୍ଥରକ୍ଷା କରିବାହିଁ ହେଉଛି ରାଷ୍ଟ୍ରର କାମ। ଫଳରେ ରାଷ୍ଟ୍ରର ଅନ୍ୟତମ ଅଙ୍ଗ ବିଚାର ବିଭାଗ ମଧ୍ୟ ଏହା ବାହାରକୁ ଯାଇପାରିବ ନାହିଁ। ରାଷ୍ଟ୍ରର ଚରିତ୍ର ଅନୁଯାୟୀ ଆଇନ ପ୍ରଣୟନ କରାଯାଏ। ରାଷ୍ଟ୍ରର ମାଲିକାନା ଯେଉଁ ଶ୍ରେଣୀ ହାତରେ ଥାଏ ଆଇନ ବ୍ୟବସ୍ଥା ମୂଳତଃ ଏହାକୁ ରକ୍ଷା କରିବା ଉଦ୍ଦେଶ୍ୟରେ ହିଁ ରଚିତ ହୁଏ। ତେବେ ଶାସକ ଓ ଶାସିତ ମଧ୍ୟରେ ଯେଉଁ ଅମୀମାଂସନୀୟ ଦ୍ୱନ୍ଦ୍ୱ ସମାଜରେ କ୍ରମାଗତ ଚାଲିଥାଏ ତା' ଫଳରେ ସମାଜଟା ଯେଉଁଭଳି ଭାଙ୍ଗି ନପଡେ ସେଥିପାଇଁ ଶୋଷିତ ଶ୍ରେଣୀକୁ କିଛିଟା ଆଶା ଦେବାକୁ ମଧ୍ୟ କିଛି କିଛି ଆଇନ ପ୍ରଣୟନ କରାଯାଏ। ଏହାକୁହିଁ ଉଦାହରଣ ଭାବରେ ଟୋଳିଧରି ଆଇନର ନିରପେକ୍ଷତା ସଂପର୍କରେ ଶାସକମାନେ ମିଥ୍ୟା ପ୍ରଚାର କରନ୍ତି।

ମାତ୍ର ବାରବାର ଦେଖାଯାଇଛି ଯେ ନ୍ୟାୟବିଚାର ଶାସକମାନଙ୍କର ହସ୍ତମୁଦି ମାହାଲ। ସେଥିପାଇଁ ନ୍ୟାୟ ଦେବୀଙ୍କର ଆଖି ବନ୍ଦ ରଖି ନିରପେକ୍ଷତା କଥା କହୁଯାଉ ବା ଆଖିଖୋଲି ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା କଥା କହୁଯାଉ, ନିଜ ଜୀବନର ଦୁଃସହ ଅଭିଜ୍ଞତାରୁହିଁ ସାଧାରଣ ଲୋକ ଦେଖିଛି, କାର୍ଯ୍ୟକ୍ଷେତ୍ରରେ ଅଧିକାଂଶ ସମୟ ନ୍ୟାୟବିଚାର ଭୂଲୁଣ୍ଠିତ, ଅଦାଲତ ମୁଖ୍ୟତଃ କ୍ଷମତାଶାଳୀମାନଙ୍କ କଥାହିଁ ଶୁଣେ ଏବଂ ସେମାନଙ୍କୁ ହିଁ ଦେଖେ। ଆଜି ଦେଶର ସଚେତନ ମଣିଷ ଏକଥା ମର୍ମେ ମର୍ମେ ଉପଲବ୍ଧି କରୁଛି। ସୁତରାଂ ପୂର୍ବତନ ମୁଖ୍ୟ ବିଚାରପତିଙ୍କର ନୂତନ ପଦକ୍ଷେପରେ ସ୍ୱାଭାବିକ ଭାବରେ ପ୍ରଶ୍ନ ଉଠୁଛି-ଶାସିତକୁ, ସମାଜର ତଳସ୍ତରର ମଣିଷକୁ ବିଚାର ବ୍ୟବସ୍ଥା ନ୍ୟାୟ ବିଚାର ଦେଇପାରିବ ନାହିଁ ବୋଲି ଜାଣି ମଧ୍ୟ କ'ଣ ସେ ନ୍ୟାୟଦେବୀଙ୍କ ଆଖିରୁ କଳାପଟି ହଟାଇବା ଭଳି ହଟଚମଟ ସୃଷ୍ଟି କରିନାହାନ୍ତି ?

★ ★ ★

# ଆଳୁର ମୂଲ୍ୟବୃଦ୍ଧି ଗରିବ ଲୋକଙ୍କ ଆହାରରେ ପ୍ରହାର

ଆମ ରାଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ନେଇ ଖୁବ୍ ବିତର୍କର ଝଟ ସୃଷ୍ଟି ହୋଇଛି। ଯାହାକୁ କେନ୍ଦ୍ର କରି ଦାରିଦ୍ର୍ୟରେ ନିଷ୍ପେଷିତ ଗରିବ ଜନଗଣଙ୍କ ବଂଚିବାକୁ ନେଇ ପ୍ରଶ୍ନବାଚୀ ଦେଖା ଦେଇଛି। କେବଳ ଦରିଦ୍ର ଲୋକ ନୁହଁନ୍ତି ଏପରିକି ମଧ୍ୟବିତ୍ତ ଲୋକମାନେ ମଧ୍ୟ ଛଟପଟ ହେଉଛନ୍ତି। ଏହାର ନିତ୍ୟପ୍ରୟୋଜନୀୟ ଜିନିଷ ପତ୍ରର ମୂଲ୍ୟବୃଦ୍ଧି। ବିଶେଷ କରି ଦରିଦ୍ର ଲୋକମାନଙ୍କର ମୁଖ୍ୟ ଖାଦ୍ୟ ଆଳୁ ଓ ଅନ୍ୟାନ୍ୟ ପନିପରିବାର ମୂଲ୍ୟବୃଦ୍ଧି ଘଟୁଛି କେବଳ ତାହା ନୁହେଁ, ପୂର୍ବତନ ବିଜେଡି ସରକାର ଅମଳରେ ଏହାକୁ ନେଇ ତର୍କ ବିତର୍କର ଝଡ ଉଠିଥିଲା। ବର୍ତ୍ତମାନ ରାଜ୍ୟ ବିଜେପି ଶାସନରେ ତାହା ସମସ୍ତ ସୀମା ଟପି ଯାଇଛି। ଆଳୁ ମୂଲ୍ୟବୃଦ୍ଧିକୁ ନେଇ ହାଟ-ବଜାର, ରାସ୍ତା-ଘାଟ, ସର୍ବସାଧାରଣ ଠାରୁ ଆରମ୍ଭକରି ବିଧାନସଭାରେ ମଧ୍ୟ ଆଲୋଚନାର ବିଷୟ ବସ୍ତୁ ହୋଇଛି। ବର୍ତ୍ତମାନର ଶାସକ ଦଳ ବିଜେପି, ବିରୋଧିଦଳ ବିଜେଡି ଏପିରିକି କଂଗ୍ରେସ ଦଳମାନେ ଆଳୁର ମୂଲ୍ୟବୃଦ୍ଧିକୁ ନେଇ ଆରୋପ-ପ୍ରତ୍ୟାରୋପ, କାଦୁଅ ଫିଙ୍ଗାଫିଙ୍ଗି ପରସ୍ପରକୁ ଦୋଷୀ ସାବ୍ୟସ୍ତ କରିବା ଏବଂ ଅନ୍ୟ ମୁଣ୍ଡରେ ଅଠା ବୋଲି ନିଜକୁ ଜନ ଦରଦି ପ୍ରମାଣ କରିବାପାଇଁ ଚେଷ୍ଟା କରୁଛନ୍ତି। ଏପରିକି ଆମ ରାଜ୍ୟର ବିଜେପି ସରକାର ଆଳୁ ସଂକଟ ପାଇଁ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଦୋଷାରୋପ କରି ନିଜର ନିକମାପଣକୁ ଲୁଚାଇବାପାଇଁ ୟୁପିର ଆଳୁ ଆସୁଥିବାର ବାହସ୍ୱଟ ମାରି ଜନଗଣଙ୍କୁ ପ୍ରତାରିତ କରୁଛନ୍ତି। ପୁନଶ୍ଚ ରାଜ୍ୟ ସରକାର ଏବଂ ରାଜ୍ୟ ଆଳୁ ବ୍ୟବସାୟ ମହାସଂଘ ନିଜର ପାରିବା ପଣିଆକୁ ପ୍ରମାଣ କରିବାକୁ ଯାଇ ଅନ୍ୟ ରାଜ୍ୟରୁ ଆଳି ଆମଦାନୀ କରୁଛନ୍ତି ବୋଲି ତୁମ୍ବିତୋଫାନ କରି ଗଣମାଧ୍ୟମରେ ବିବୃତ୍ତି ଦେଇ ଚାଲିଛନ୍ତି। ବର୍ତ୍ତମାନ ବିଜେପି, ପୂର୍ବତନ ବିଜେଡି ସରକାର ଏବଂ ବ୍ୟବସାୟୀ ସଂଘର ମିଳିତ ଚକ୍ରବ୍ୟୂହରେ ପଡି ଖାଉଟି ବାପୁଡା ହନ୍ତସନ୍ତ ହେଉଛି। ପୂର୍ବ ସରକାରଙ୍କ ଆଳୁମିଶନ ଏବଂ ବତ୍ତମାନର ରାଜ୍ୟ ସରକାରଙ୍କ ଯୋଗାଣ ମନ୍ତ୍ରୀଙ୍କ ଫମ୍ପା ବୟାନ ବାଜି ଗରିବ ଅସହାୟ ଲୋକଙ୍କ ଜ୍ୱଳା ଯନ୍ତ୍ରଣାକୁ ଦୂର କରିବା ପରିବର୍ତ୍ତେ ସେମାନଙ୍କ ଦାରିଦ୍ର୍ୟକୁ ଉପହାସ କରୁଛି। ଓଡିଆରେ ଏକ ପ୍ରଚଳିତ କଥା ଅଛି- 'ଓଡିଆ ନ ଭିଜିଲେ ଘର ଛପର କରେନାହିଁ।'

ଜିନିଷପତ୍ରର ମୂଲ୍ୟବୃଦ୍ଧି ଯେ ହଠାତ ହେଉଛି, ତାହାନୁହେଁ, ଏହା ଧାରାବାହିକ ଭାବରେ ଘଟିଚାଲିଛି। ଏହିକଥା କରିବାର ତାତ୍ପର୍ଯ୍ୟ ଯେତେବେଳେ କୌଣସି ସମସ୍ୟା ଆସି ଦେଖାଦିଏ, ସେତେବେଳେ ଆମ ସରକାରଙ୍କ ଚିନ୍ତା ପଶେ, ରାସ୍ତା ଖୋଜନ୍ତି, ମାଳମାଳ ଯୋଜନା ଘୋଷଣା କରନ୍ତି, ଯାହାର କୌଣସି ବାସ୍ତବ ରୂପରେଖ ନଥାଏ। କେବଳ ଜନଗଣଙ୍କ ମନରେ ଆଶା ଓ ଭରସା ସଂଚାର କରିବା, ସମୟ ଟାଳିବା ଛଡା ଅନ୍ୟକିଛି ନଥାଏ। ଠିକ୍ ଯେମିତି ୧୯୧୪-୧୫ ମସିହାରେ ଆଳୁ ସଂକଟକୁ ଦୂର କରିବା ଉଦ୍ଦେଶ୍ୟରେ ତତ୍‌କାଳୀନ ବିଜେଡି ସରକାର ଆଳୁ ମିଶନ ଘୋଷଣା କଲେ ଏବଂ ରାଜକୋଷରୁ ୮୦୦କୋଟି ଟଙ୍କା ବ୍ୟୟବରାଦ କରି ପ୍ରଚାରକଲେ ଖୁବ୍ ଶୀଘ୍ର ସମସ୍ୟା ସମାଧାନ ହେବ। ସରକାରଙ୍କ ଘୋଷଣା ବହୁ ଆଡମ୍ବରରେ ଲଘୁକ୍ରିୟାରେ ପରିଣତ ହୋଇଛି। ଯାହା ପ୍ରତ୍ୟେକ ଲୋକ ଅନୁଭବ କରିଛନ୍ତି। ଛଅମାସ ପୂର୍ବରୁ ଦେଶ ଓ ଆମ ରାଜ୍ୟରେ ଅନୁଷ୍ଠିତ ହୋଇଯାଇଥିବା ପାର୍ଲିଆମେଣ୍ଟ ଓ ବିଧାନ ସଭା ନିର୍ବାଚନରେ ଦରଦାମ ହ୍ରାସ କରିବାପାଇଁ ମୋଦିଙ୍କ ଗ୍ୟାରେଣ୍ଟିର ପ୍ରହେଳିକା ସୃଷ୍ଟିକରି ରାଜ୍ୟ କ୍ଷମତାରେ ବସିଥିବା ବିଜେପି ସରକାରଙ୍କ ଯୋଗାଣମନ୍ତ୍ରୀ ବାରମ୍ବାର ଗଣମାଧ୍ୟମରେ ବିବୃତ୍ତି ଦେଇ କହିଛନ୍ତି, ଆମେ କାହାରିକୁ ଆଳୁ ପାଇଁ ଅନୁରୋଧ କରିବୁନାହିଁ। କାହାରି ଆଗରେ ହାରି ଗୁହାରି କରିବୁ ନାହିଁ। ଆମେ କାହାରି ଆଗରେ ହାତ ପାତିବୁ ନାହିଁ। ସମସ୍ୟା ସମାଧାନ ପାଇଁ ବେଶୀଦିନ ସମୟ ଲାଗିବ ନାହିଁ। ଏହି କଥା କହି ନିଜେ ଆତ୍ମନିର୍ଭରଶୀଳ ବୋଲି ବୃଥା ଆସ୍ଫାଳନ କରୁଥିବାବେଳେ ଟ୍ରକ ଓ ଟ୍ରେନ୍ ଯୋଗେ ୟୁପିରୁ ଆଳୁ ଆସୁଛି କହି ଲୋକ ପ୍ରତାରିତ କରୁନାହାନ୍ତି କି ? ତାଙ୍କର ଏହି କଥିତ ପ୍ରତିଶୃତି ଓ ବାସ୍ତବତା ଭିତରେ ରହିଛି ବଡ ପାର୍ଥକ୍ୟ ଓ ଭାଣ୍ଡାମୀ। ମନ୍ତ୍ରୀଙ୍କ ବୟାନବାଜି କେବଳ ପୁରୁଣା ପାଠର ପୁର୍ନାବୃତ୍ତି। ଆଳୁ ମିଶନ ଘୋଷଣା କରି ତତ୍କାଳୀନ ବିଜେଡି ସରକାର କହିଥିଲେ ୨୦୧୭-୧୮ ମସିହା ସୁଦ୍ଧା ୨୦,୦୦୦ ହେକ୍ଟର ଜମିରେ ଆଳୁ ଚାଷ କରାଯିବ, ଶୀତଳ ଭଣ୍ଡାର ପ୍ରତିଷ୍ଠା ହେବ, ଆଳୁ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଇ ସଂକଟକୁ ଦୂର କରାଯିବ। ସବୁ ପ୍ରତିଶୃତି ସତେ ଯେମିତି ପାଣିରେ ମିଳେଇଗଲା। ବିଜେଡି ସରକାର ଭେଳିକିକୁ ଅଧିକ ରଂଗ ଦେଇ ବର୍ତ୍ତମାନ ବିଜେପି ସରକାର ଘୋଷଣା କରିଛି ପ୍ରତି ଉପଖଣ୍ଡରେ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ। ସେଥିପାଇଁ ନା ଅଛି ଉପଯୁକ୍ତ ଯୋଜନା ନା ଅଛି କୌଣସି ବ୍ୟୟବରାଦ।

ଆଳୁ ଉତ୍ପାଦନ କ୍ଷେତ୍ରରେ ରାଜ୍ୟକୁ ଆତ୍ମନିର୍ଭର କରିବାକୁ ହେଲେ ଆବଶ୍ୟକ ହେଉଛି ବାସ୍ତବ ଯୋଜନା ଓ ପରିକଳ୍ପନା। ସେ କ୍ଷେତ୍ରରେ ରାଜ୍ୟ ସରକାର ଉଦାସୀନ। ଫଳରେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବା ହେଉଛି। ଆମ ରାଜ୍ୟ ଆଳୁ ଚାଷପାଇଁ ପର୍ଯ୍ୟାପ୍ତ ପରିମାଣ ଅନୁକୂଳ ପରିବେଶ ଥିବା ସତ୍ତ୍ୱେ ବି ସେସବୁ ସଠିକ ବିନିଯୋଗ କରାଯାଉନାହିଁ। ସେ କ୍ଷେତ୍ରରରେ ସରକାରଙ୍କର ଆନ୍ତରିକତାର ଅଭାବ। ସରକାର ବିନା ସହାୟତା ଓ ପ୍ରୋତ୍ସାହନରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଫଳାଉଥିବା ଚାଷୀ ଫସଲର ଉପଯୁକ୍ତ ମୂଲ୍ୟ ପାଏ ନାହିଁ। ସାର, ବିହନ, କୀଟନାଶକ ଔଷଧର ମୂଲ୍ୟ ବୃଦ୍ଧି ଚାଷ କ୍ଷେତ୍ରରେ ବାଧା ଭାବରେ ଉଭା ହୋଇଛି। ସଠିକ ବଜାରର ଅଭାବ ସର୍ବୋପରି ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିୟମ ପାଇଁ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷୟକ୍ଷତିର କ୍ଷତିପୂରଣ ନ ପାଇ ଚାଷୀ କୃଷି କ୍ଷେତ୍ରରୁ ଧିରେ ଧିରେ ଦୂରେଇ ଯାଉଛି। ସରକାର ଏବଂ ଘରୋଇ ବ୍ୟବସାୟୀଙ୍କ ଚକ୍ରବ୍ୟୁହରେ ଫସି ଚାଷୀ ସର୍ବସ୍ୱାନ୍ତ ହେଉଛି।

ଆଳୁ ହେଉକି ପିଆଜ, ଡାଲି ହେଉକି ପନିପରିବା ସଂକଟ ଦେଖାଦେଲେ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ପନିପରିବାକୁ ନେଇ ବେପାର କରୁଥିବା ଏକଚାଟିଆ ବ୍ୟବସାୟୀ ସଙ୍ଗେ ସଙ୍ଗେ ପ୍ରାକୃତିକ ବିପର୍ଯ୍ୟୟକୁ ଆଳକରି ନିଜର ଅପରାଗତାକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରନ୍ତି। ସେଥିପାଇଁ ନାନାବାୟା ଗୀତ ଶୁଣାଇ ଜନଗଣଙ୍କୁ ବିଭ୍ରାନ୍ତ କରନ୍ତି। ତେବେ ବିଚାର କରିବା ଦରକାର ଅତ୍ୟାବଶ୍ୟକୀୟ ଜିନିଷ ପତ୍ରର ଦାମ ବୃଦ୍ଧି ଘଟୁଛି କାହିଁକି ? ବାସ୍ତବରେ ବ୍ୟବସାୟୀମାନେ ସରକାରଙ୍କ ଜ୍ଞାତସାରରେ ଚାହିଦାକୁ ଲକ୍ଷ୍ୟ ରଖି କୃତ୍ରିମ ଅଭାବ ସୃଷ୍ଟି କରନ୍ତି। ଚାହିଦା ଅନୁସାରେ କମ୍ ଦ୍ରବ୍ୟ ବଜାରକୁ ଛାଡି ଖାଉଟି ଦ୍ରବ୍ୟ ପାଇଁ ଅହେତୁକ ପ୍ରତିଯୋଗିତା ସୃଷ୍ଟି କରି ବଜାର ଦର ବୃଦ୍ଧି କରନ୍ତି। କେବଳ ଅଧିକ ମୁନାଫା ଓ ଲାଭ ପାଇଁ। ଏହା ହେଉଛି ପୁଞ୍ଜିବାଦୀ ଅର୍ଥନୀତିର ନିୟମ। ଏ କଥାଟିକୁ ଆମକୁ ବୁଝିବାକୁ ହେବ।

ନିତ୍ୟ ପ୍ରୟୋଜନ ଜିନିଷପତ୍ରର ଦରଦାମ ନିୟନ୍ତ୍ରଣ କରିବାକୁ ହେଲେ ରାଷ୍ଟ୍ରୀୟ ବାଣିଜ୍ୟ ବ୍ୟବସ୍ଥା ଚାଲୁ କରିବାକୁ ହେବ। ସେଥିପାଇଁ ସରକାର ଚାଷୀମାନଙ୍କ ପାଖରୁ ସିଧାସଳଖ କୃଷିଜାତ ଦ୍ରବ୍ୟ କିଣି ପ୍ରୟୋଜନ ମୁତାବକ ପୁନଶ୍ଚ ଜନଗଣଙ୍କୁ ଯୋଗାଇ ଦେବା ଆବଶ୍ୟକ। ଅନ୍ୟପଟରେ ରାଜ୍ୟକୁ ଆତ୍ମନିର୍ଭର କରିବାକୁ ହେଲେ ଚାଷୀମାନଙ୍କୁ ସରକାରୀ ପ୍ରୋତ୍ସୋହନ ଦେବାକୁ ହେବ, ଚାଷୀର ଆବଶ୍ୟକତା ଅନୁସାରେ ଉନ୍ନତମାନର ସାର, ବିହନ, କୀଟନାଶକ ଔଷଧ ପର୍ଯ୍ୟାପ୍ତ ପରିମାଣର ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବାକୁ ହେବ, କୃଷିଜାତ ଦ୍ରବ୍ୟର ବଜାର ସୃଷ୍ଟି ପାଇଁ ଆବଶ୍ୟକ ସଂଖ୍ୟକ ମଣ୍ଡି ପ୍ରତିଷ୍ଠା କରି ସରକାର ନିଜେ କ୍ରୟ କରିବା ଆବଶ୍ୟକ। ସ୍ତରେ ସ୍ତରେ କୃଷି ଉତ୍ପାଦନକୁ ମହଜୁଦ ରଖିବାପାଇଁ ଶୀତଳଭଣ୍ଡାର ପ୍ରତିଷ୍ଠା କରିବା ଆବଶ୍ୟକ। ତେବେଯାଇ ଦରଦାମ ବୃଦ୍ଧିକୁ ନିୟନ୍ତ୍ରଣ କରାଯାଇପାରିବ। ଅଥଚ ଦେଖାଯାଉଛି ଦେଶ ସ୍ୱାଧୀନତା ପରଠାରୁ ଏସବୁ ସମସ୍ୟା ବାରମ୍ବାର ଦେଖା ଦେଉଥିଲେ ବି ସରକାର ସେଥିପ୍ରତି ଭୃକ୍ଷେପ କରୁନାହାନ୍ତି। ଅପରନ୍ତୁ କୃଷି କ୍ଷେତ୍ରରେ ଘରୋଇକରଣକୁ ପ୍ରୋତ୍ସାହିତ କରି ପରିସ୍ଥିତିକୁ ଜଟିଳ କରୁଛନ୍ତି।

ଆମକୁ ମନେରଖିବାକୁ ହେବ ଜନଜୀବନର ଯେକୌଣସି ସମସ୍ୟାକୁ ସମାଧାନ କରିବାକୁ ହେଲେ ଐକ୍ୟବଦ୍ଧ ଗଣଆନ୍ଦୋଳନ ଗଢିତୋଳିବାକୁ ହେବ, ସେଥିପାଇଁ ଆମେ ସର୍ବସ୍ତରର ଜନଗଣଙ୍କୁ ଆହ୍ୱାନ କରୁଛୁ ଆଗେଇ ଆସନ୍ତୁ, ସଂଗଠିତ ହୁଅନ୍ତୁ, ପରିସ୍ଥିତିକୁ ମୁକାବିଲା ପାଇଁ ଦୀର୍ଘସ୍ଥାୟୀ ଗଣଆନ୍ଦୋଳନ ଗଢିତୋଳନ୍ତୁ।

# ଝାଡଖଣ୍ଡରେ ବାଙ୍ଗଲାଦେଶୀ ଅନୁପ୍ରବେଶକାରୀ ଖୋଜି ପାଇଲା ନାହିଁ ବିଜେପି

ବିଜେପିର ଘୃଣ୍ୟ ସାଂପ୍ରଦାୟିକ ଓ ଜାତି ଭିତ୍ତିକ ରାଜନୀତି ଅପ୍ରତ୍ୟାଶତ ଭାବରେ ପ୍ରାଣପୁର ନାମକ ଏକ ଗ୍ରାମବାସୀମାନଙ୍କ ଜୀବନରେ ଏକ ସୁଯୋଗ ସୃଷ୍ଟି କରିଛି ! ପ୍ରାଣପୁର ହେଉଛି ଝାଡଖଣ୍ଡ ରାଜ୍ୟର ସାହେବଗଞ୍ଜ ଜିଲ୍ଲାର ଗୋଟିଏ ଛୋଟ ଗାଁ। ପ୍ରାଣପୁର ଏବଂ ତତ୍‌ସଂଲଗ୍ନ କୋଡିଏ ଖଣ୍ଡ ଗ୍ରାମର ଅଢେଇଲକ୍ଷ ବାସିନ୍ଦାଙ୍କ ସମସ୍ୟା ପ୍ରଶାସନିକ ଭାବରେ ଖୁବ ଜଟିଳ। ସେମାନେ ଝାଡଖଣ୍ଡର ନଥିଭୁକ୍ତ ଭୋଟର। ଝାଡଖଣ୍ଡ ସରକାର ସେମାନଙ୍କୁ ଆଧାରକାର୍ଡ, ରେସନକାର୍ଡ ଦେଇଛି। କିନ୍ତୁ ଖାତା କଲମରେ ସେମାନଙ୍କ ଜମିବାଡି ପଶ୍ଚିମବଙ୍ଗ ମାଲଦା ଜିଲ୍ଲାର କାଳିଆଚକ-୨ ଏବଂ ମାଣିକଚକ ବ୍ଲକ୍‌ର ଅନ୍ତର୍ଭୁକ୍ତ। ଗଙ୍ଗା ନଦୀ ପୂର୍ବକୁ ତାର ଗତିପଥ ବଦଳାଇବା ଫଳରେ ପଶ୍ଚିମ ପଟ ନଦୀତଟରେ ନୂଆକରି ସେମାନଙ୍କ ବସବାସ ଗଢିଉଠିଛି। କିନ୍ତୁ ପଶ୍ଚିମବଙ୍ଗ ସରକାର ସେହି ନୂଆଭାବେ ସୃଷ୍ଟ ନଦୀପଠାର ଜନବସତିକୁ ସ୍ୱୀକାର କରୁନାହାନ୍ତି। କାରଣ, ସେମାନଙ୍କ ମତରେ ତାହା 'ନୋ ମ୍ୟାନ୍‌ସ ଲ୍ୟାଣ୍ଡ(No Mans Land)', ସେଠାରେ ନିୟମ ଅନୁସାରେ କୌଣସି ପ୍ରକାର କର ଆଦାୟ କରାଯାଏ ନାହିଁ।

ପ୍ରାୟ ୩୦୦ ବର୍ଗ କିଲୋମିଟର ଜାଗାରେ ଅବସ୍ଥିତ ପ୍ରାୟ ୨୧ଖଣ୍ଡ ମୌଜାର ବାସିନ୍ଦା ଏହି ପ୍ରଶାସନିକ ଦୋଦୁଲ୍ୟମାନ୍ୟତା କାରଣରୁ ଚରମ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଝାଡଖଣ୍ଡ ସରକାରଙ୍କ ନିକଟରେ ସେମାନଙ୍କର ପରିଚୟ ହେଉଛି 'ଅସ୍ଥାୟୀ ନିବାସୀ(Temporary Resident)'। ବିଭିନ୍ନ ସରକାରୀ ସୁବିଧାରୁ ସେମାନେ ବଂଚିତ। ସେମାନେ ସରକାରୀ ଚାକରି ପାଇଁ ଆବେଦନ କରିପାରନ୍ତି ନାହିଁ। ଏମିତିକି ଜାତିଭତ୍ତିକ ସଂରକ୍ଷଣର କୌଣସି ସୁବିଧା ଏମାନେ ପାଆନ୍ତି ନାହିଁ। କାରଣ ଝାଡଖଣ୍ଡ ସରକାରଙ୍କ ନିୟମ ଅନୁସାରେ କେବଳ ସ୍ଥାୟୀ ବାସିନ୍ଦାମାନେ ଏହାର ସୁଯୋଗ ପାଇପାରିବେ। ବିଦ୍ୟୁତ ସେବାଭଳି ଅତ୍ୟାବଶ୍ୟକ ସୁବିଧା ପାଇଁ ସେମାନଙ୍କୁ ୨୦୨୧୯ ମସିହା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିଲା। ଏଠିକାର ଜନସାଧାରଣଙ୍କୁ ନେଇ ଗଢିଉଠିଛି 'ଗଙ୍ଗା-ଭାଙ୍ଗନ ପ୍ରତିରୋଧ ନାଗରିକ ଆକ୍‌ସନ କମିଟି'। ଜମିବାଡିର ସଠିକ ରେକର୍ଡ କରିବା ପାଇଁ ୨୦୦୦ ମସିହାଠାରୁ ସେମାନେ ଲଢେଇ ଚଳାଇ ଆସୁଛନ୍ତି। ୫ସେପ୍ଟେମ୍ବର ୨୦୧୩ ମସିହାରେ ସୁପ୍ରିମକୋର୍ଟ ଗଙ୍ଗା ଗତିପଥ ପରିବର୍ତ୍ତନ ସମସ୍ୟା ଉଲ୍ଲେଖ କରି ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବଙ୍କୁ ଚାରି ସପ୍ତାହ ମଧ୍ୟରେ ନୂଆ ଜମିଜମା ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଆଦାଲତ ପଶ୍ଚିମବଙ୍ଗ ସରକାରଙ୍କୁ ଆଇନ ସମ୍ମତ ଭାବରେ ଏହି ଜମିର ବୈଧ କାଗଜପତ୍ର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏ ବାବଦରେ କିଛି ବି ହୋଇନାହିଁ।

ଏହାକୁ ନେଇ ବିଜେପି ସାଂପ୍ରଦାୟିକ ରାଜନୀତି ଚଳାଇବାକୁ ଉଦ୍ୟମ କରୁଛୁ। ଗତବର୍ଷ ଲୋକସଭାରେ ଝାଡଖଣ୍ଡର ଗୋଡ୍ଡା ସଂସଦୀୟ କ୍ଷେତ୍ରରେ ସାଂସଦ ନିଶିକାନ୍ତ ଦୁବେ ଦାବି କରିଥିଲେ ଝାଡଖଣ୍ଡର କିଛି ଜିଲ୍ଲାରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନଙ୍କର ପ୍ରବଳ ଉପସ୍ଥିତି ଯୋଗୁ ଜିଲ୍ଲାଗୁଡିକର ଜନବିନ୍ୟାସଗତ ଚରିତ୍ର ଦୃତ ବଦଳି ଯାଉଛି। ଅର୍ଥାତ୍ ସେହି ସବୁ ଜିଲ୍ଲାମାନଙ୍କରେ ହିନ୍ଦୁମାନଙ୍କ ଅନୁପାତରେ ମୁସଲମାନ ଜନସଂଖ୍ୟା ଦୃତ ବୃଦ୍ଧି ପାଉଛି। ସେ ଏହି ସମସ୍ୟାର ପ୍ରତିକାର ପାଇଁ ଏନ୍‌ଆରସି ଲାଗୁ କରିବାପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢଦାବି ଜଣାଇଥିଲେ। ଝାଡଖଣ୍ଡ ବିଧାନସଭା ନିର୍ବାଚନରେ ବିଜେପି ଇସ୍ତାହାରରେ କୁହାଯାଇଥିଲା- ସାଂନ୍ତାଳ ପ୍ରଗଣାର ଆଦିବାସୀ ଅଧୁଷିତ ଅଂଚଳରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀମାନେ ସ୍ଥାନୀୟ ମହିଳାମାନଙ୍କୁ ବିବାହକରି ଜମି ଯାଗା ଦଖଲ କରି ନେଉଛନ୍ତି। ଇସ୍ତାହାର ପ୍ରକାଶ ସମୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏହା ଉପରେ ଏକ ନୂତନ ଆଇନ ପ୍ରଣୟନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଏହି ଆଇନ ବଳରେ ଯେଉଁସବୁ ଜମି ଆଦିବାସୀ ମହିଳାମାନଙ୍କଠାରୁ ନିଆଯାଇଛି ତାର ଫେରସ୍ତ ହେବ ଏବଂ ପୁନର୍ବାର ଏହି ଭାବରେ ଯେମିତି ଜମି ଦଖଲ ନହୁଏ ସେ ବିଷୟରେ ନଜର ରଖାଯିବ।

ଗତ ୧୮ ନଭେମ୍ବରରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ରାଜମହଲଠାରେ ଗୋଟିଏ ନିର୍ବାଚନ ସଭାରେ କହିଥିଲେ, ସାହେବଗଞ୍ଜ, ରାଜମହଲ ଏବଂ ଆହୁରି ବେଶ କିଛି ସ୍ଥାନ ବଙ୍ଗଳାଦେଶୀ ଏବଂ ରୋହିଙ୍ଗିଆ ମାନଙ୍କର ଅନୈତିକ କାର୍ଯ୍ୟକଳାପର ଆଖଡାରେ ପରିଣତ ହୋଇଛି। ଏହିସବୁ ବିଜେପି ନେତାମାନଙ୍କର ଏ ସମସ୍ତ ଅଭିଯୋଗ ଉପର ଲିଖିତ ୨୧ଟି ମୌଜାର ବଙ୍ଗଳା ଭାଷା କହୁଥିବା ହତଭାଗ୍ୟ ମୁସଲମାନ ଜନସମାଜ ପ୍ରତି ସ୍ୱଷ୍ଟଭାବେ ଉଦ୍ଦିଷ୍ଟ। ନେତାମାନଙ୍କର ମୁହଁରେ ଏପରି ଅଭିଯୋଗ ଶୁଣି ବିଭିନ୍ନ ସ୍ଥାନରେ ଅଫିସରମାନେ ବ୍ୟଗ୍ରତା ଦେଖାଇଛନ୍ତି। ବାସ୍ତବ ଅବସ୍ଥା ପାଇଁ ସେମାନେ ଏହି ଗ୍ରାମଗୁଡିକ ପରିଦର୍ଶନ କରନ୍ତି। ପଶ୍ଚିମ ପ୍ରାଣପୁର ଗ୍ରାମର ଜଣେ ପଂଚାୟତ ସଦସ୍ୟ ଅବଦୁଲ ହାନ୍ନାନଙ୍କ କଥାରୁ ଜଣାପଡିଲା- ତିନିମାସ ପୂର୍ବେ ସଦର ମହକୁମର ପ୍ରଶାସନିକ ଏହି ଅଂଚଳର ଘର ଘର ବୁଲି ସେମାନଙ୍କର ନାଗରିକତ୍ୱ ଯାଂଚ କରିଥିଲେ।

ସ୍ଥାନୀୟ ଏକ ବିଦ୍ୟାଳୟ ସହକାରୀ ଶିକ୍ଷକ ଏରଫାନ୍ ଅଲ୍ଲି କହନ୍ତି, ସରକାର ଆମ ଗ୍ରାମକୁ ଏତେ ଗୁରୁତ୍ୱ ଦେବା ଜୀବନରେ କେବେ ହେଲେ ଦେଖିନାହିଁ। ଆମମାନଙ୍କ ପାଇଁ ଏହି ପରିଦର୍ଶନ ବରଂ ଆଶିର୍ବାଦ ଭଳି ହୋଇଛି। ଏହାଫଳରେ ଆମେ ଆମର ଏହି ଅଦ୍ଭୁତ 'ନା ଘରକା ନା ଘାଟକା' ପରିସ୍ଥିତି ପ୍ରଶାସନ ସମ୍ମୁଖରେ ଭଲଭାରେ ରଖିବାର ସୁଯୋଗ ପାଇଛୁ। ଯା'ହେଉ ଏହି ସରଜମିନ ତଦନ୍ତର ଫଳାଫଳ କ'ଣ ହେଲା ? ସତରେ କ'ଣ ଏଠିକାର ଅଧିବାସୀ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ? ରିପୋର୍ଟ ମୁତାବତ, ସାହେବଗଞ୍ଜର ଦୁଇଟି ଘଟଣାକୁ ବାଦ ଦେଲେ ପୁରା ସାନ୍ତଳାପ୍ରଗଣା ୬ଟି ଜିଲ୍ଲା- ଗୋଡ୍ଡା, ଦେଉଘର, ଦୁମୁକା, ଜାମତରା, ସାହେବଗଞ୍ଜ ଏବଂ ପାକୁର ଜିଲ୍ଲାରେ ଜଣେ ହେଲେ ମଧ୍ୟ ବଙ୍ଗଳାଦେଶୀଙ୍କ ଅନୁପ୍ରବେଶକାରୀଙ୍କ ସନ୍ଧାନ ମିଳିନାହିଁ। ଝାଡଖଣ୍ଡ ସରକାର ଜିଲ୍ଲାର ଡେପୁଟି କମିଶନରଙ୍କର ରିପୋର୍ଟ ଆଧାରରେ ସଂପ୍ରତି ସୁପ୍ରିମକୋର୍ଟରେ ଏହି ତଥ୍ୟ ଜଣାଇଛନ୍ତି। ଦୁଇଜଣ ବଙ୍ଗଳାଦେଶୀ ମାନଙ୍କ ମଧ୍ୟରୁ ଗୋଟିକର ଆବିଷ୍କାର ରାଜମହଲ ସବ୍‌ଡିଭିଜନରେ କିଛି ବର୍ଷ ଆଗରୁ ହୋଇଥିଲା। ସେଠାରେ ସ୍ଥାନୀୟ ମୁସଲିମ ଅଧିବାସୀମାନେ ବଙ୍ଗଳାଦେଶୀଙ୍କୁ ନେଇ ପୁଲିସ ହାତରେ ଅର୍ପଣ କରିଥିଲେ। ଝାଡଖଣ୍ଡ ଜନଅଧିକାର ମହାସଭା ଏବଂ 'ଲୋକତନ୍ତ୍ର ବଚାଓ ଅଭିଯାନ' ପକ୍ଷରୁ ଯୌଥଭାବରେ କରାଯାଇଥିବା ଏକ ସମୀକ୍ଷାରେ କୁହାଯାଇଛି, ସାହେବଗଞ୍ଜ ଏବଂ ପାକୁର ଜିଲ୍ଲାରେ ବସବାସ କରୁଥିବା ଏହି ବଙ୍ଗଳା ଭାଷ କହୁଥିବା ଏହି ମୁସଲମାନମାନେ ଭାରତୀୟ ଏବଂ ଏମାନେ କୌଣସି ପ୍ରକାରରେ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ନୁହଁନ୍ତି। ଏମାନଙ୍କର ଗୋଟିଏ ବଡ ଅଂଶ ହେଉଛି ଶେରସାବାଜିୟା ସଂପ୍ରଦାୟଭୁକ୍ତ। ସେମାନେ କେତେ ଶତାବ୍ଦୀ ଧରି ଏହିସବୁ ଅଂଚଳରେ କାମ କରିଆସୁଛନ୍ତି। ଏହାଛଡା ଏଠାରେ ବାସ କରନ୍ତି ପସମନ୍ଦା ଏବଂ ଅନ୍ୟାନ୍ୟ ମୁସଲମିଲ ସଂପ୍ରଦାୟର ଜନଗଣ, ଯେଉଁମାନେ ପାଖାପାଖି ଅନ୍ୟାନ୍ୟ ଜିଲ୍ଲା ବା ରାଜ୍ୟରୁ ଆସି ଏଠାରେ ବସବାସ କରୁଛନ୍ତି। ଐତିହାସିକ ଭାବରେ ମଧ୍ୟଯୁଗରେ ସାନ୍ତାଳ ପ୍ରଗଣାର ଏକ ବୃହତ ଅଂଶ ବଙ୍ଗଳା ଶାସକମାନଙ୍କ ଅଧିନରେ ଥିଲା। ଯାହାହେଉ, ଏହି ହଇଚଇ ମଧ୍ୟରେ ଉଭୟ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗ ସରକାର ଏହି ଲୋକମାନଙ୍କ ଦୁର୍ଦ୍ଦଶାକୁ ଗୁରୁତ୍ୱ ଦେଇ ଦେଖିବା ଆରମ୍ଭ କରିଛନ୍ତି। ବିଧାନସଭା ନିର୍ବାଚନ ସମୟରେ ଝାଡଖଣ୍ଡ ସରକାର ଏହାର ପୂର୍ଣ୍ଣାଙ୍ଗ ସମୀକ୍ଷା କରିବେ ବୋଲି ମାଲଦା ଜିଲ୍ଲା ପ୍ରଶାସନ ଜଣାଇଛନ୍ତି। ଅନ୍ୟଦିଗରେ 'ଗଙ୍ଗା-ଭାଙ୍ଗନ ପ୍ରତିରୋଧ ନାଗରିକ ଆକସନ କମିଟି' ଯୌଥଭାବରେ ଜଣାଇଛନ୍ତି ଯେ, ପଶ୍ଚିମବଙ୍ଗ ସରକାର ଏହି ବିଷୟଟିକୁ ସମୀକ୍ଷା କରିବେ। ଯାହାପାଇଁ ଅର୍ଥରାଶିର ବରାଦ ହୋଇସାରିଛି। ଏହି ପରିସ୍ଥିତିରେ ଆଶାର ଆଲୋକ ଦେଖୁଛନ୍ତି ଏହି ସବୁ ଅଂଚଳର ହତଭାଗ୍ୟ ଅଧିବାସୀ। ବିଜେପିର ଅନ୍ଧ ମୁସଲିମ ବିରୋଧିତା ସେମାନଙ୍କର ଏତେ ଦିନର ସମସ୍ୟାର ସମାଧାନ ହେବାର ଗୋଟିଏ ନୂତନ ସମ୍ଭାବନା ସୃଷ୍ଟି କରିଛି। ଅନିଷ୍ଟ କରିବାକୁ ଯାଇ ବିଜେପିର ନେତୃତ୍ୱ ଅନିଚ୍ଛାକୃତ ଭାବରେ ସେମାନଙ୍କର ମଙ୍ଗଳର ରାସ୍ତା ଖୋଲି ଦେଇଛନ୍ତି।

★★★

# ବାଙ୍ଗଲାଦେଶର ସାଂପ୍ରତିକ ଘଟଣା ସଂପର୍କରେ ବାସଦ(ମାର୍କ୍ସବାଦୀ)ର ବକ୍ତବ୍ୟ

ଚଟ୍ଟଗ୍ରାମରେ ଘଟିଯାଇଥିବା ୨୦୨୪ ନଭେମ୍ବର ୨୭ତାରିଖରେ ବାଙ୍ଗଲାଦେଶ ସମାଜତାନ୍ତ୍ରିକ ଦଳ(ମାର୍କ୍ସବାଦୀ) ପକ୍ଷରୁ ଜାରୀ କରାଯାଇଥିବା ଏକ ବିବୃତ୍ତିରେ ସମସ୍ତ ରାଜନୈତିକ ଦଳ, ଧର୍ମୀୟ ପ୍ରତିଷ୍ଠାନ ଓ ସଂଗଠନମାନଙ୍କର ମିଳିତ ବୈଠକ ଆହ୍ୱାନ କରିବାପାଇଁ ସରକାରଙ୍କୁ ନିବେଦନ କରିବା ସଙ୍ଗେ ସଙ୍ଗେ ଜନସାଧାରଣ ନିଜକୁ ସଂଯତ ରଖିବା ଏବଂ ଆନ୍ଦୋଳନର ଐକ୍ୟ ସୁସଂହତ ରଖିବାପାଇଁ ନିବେଦନ କରାଯାଇଛି।

ଏହା ସଙ୍ଗେ ସଙ୍ଗେ ବାଙ୍ଗଲାଦେଶ ସମାଜତାନ୍ତ୍ରିକ ଦଳ(ମାର୍କ୍ସବାଦୀ)ର କେନ୍ଦ୍ରୀୟ କାର୍ଯ୍ୟନିର୍ବାହୀ ଫୋରମର ସମନ୍ୱୟକାରୀ କମ୍ରେଡ୍ ମାସୁଦ ରାଣା ଏକ ବିବୃତ୍ତିରେ କହିଛନ୍ତି ଯେ ୨୬ ନଭେମ୍ବର ଚଟ୍ଟଗ୍ରାମ ଅଦାଲତରେ ଘଟିଥିବା ସଂଘର୍ଷରେ ଜଣେ ଆଇନଜୀବୀ ନିହତ ହେବା ଘଟଣାକୁ ଆମେ ନିନ୍ଦା କରୁଛୁ। ଏହା ସଙ୍ଗେ ସଙ୍ଗେ ଅବିଳମ୍ବେ ଘଟଣାର ତଦନ୍ତକରି ହତ୍ୟାକାରୀଙ୍କୁ ଗିରଫ କରିବାପାଇଁ ଦାବି କରୁଛୁ।

ଗତ କାଲିର ଏହି ସଂଘର୍ଷ ଉଦ୍‌ବେଗଜନକ। ଆମେ ଲକ୍ଷ୍ୟ କରୁଛୁ ଯେ ଏହି ଘଟଣାକୁ କେନ୍ଦ୍ରକରି କେତେକ ସାଧାରଣ ଲୋକମଧ୍ୟ ହିନ୍ଦୁ ଓ ମୁସଲମାନରେ ବିଭକ୍ତ ହେଉଛନ୍ତି ଏବଂ ପରସ୍ପର ବିରୁଦ୍ଧରେ ବିଦ୍ୱେଶମୂଳକ ବକ୍ତବ୍ୟ ରଖୁଛନ୍ତି। ଏହି ପ୍ରଚାର ବିରୁଦ୍ଧରେ ସମସ୍ତ ସଚେତନ ଜନସାଧାରଣଙ୍କୁ ଦୃଢ ଭାବରେ ଠିଆ ହେବାକୁ ପଡିବ।

ପରାଜିତ ଆୱାମୀ ଲିଗ୍ ଓ ଏହାର ପଳାତକ ନେତ୍ରୀଙ୍କୁ ଆଶ୍ରୟ ଦେଇଥିବା ସାମ୍ରାଜ୍ୟବାଦୀ ଭାରତର ବିଜେପି ସରକାର ଐକ୍ୟବଦ୍ଧ। ସେମାନେ ସାଂପ୍ରଦାୟିକ ଦଙ୍ଗା ଲଗାଇ ଗଣଅଭ୍ୟୁତ୍‌ଥାନ ସମୟରେ ଜନସାଧାରଣଙ୍କ ମଧ୍ୟରେ ଗଢିଉଠିଥିବା ଐକ୍ୟ ଓ ସଂହତିକୁ ନଷ୍ଟ କରିବାକୁ ଚାହାଁନ୍ତି। କିନ୍ତୁ ଏହା ଗଣ ଅଭ୍ୟୁତ୍‌ଥାନର ଚେତନା ନୁହେଁ। ଗଣତାନ୍ତ୍ରିକ ଓ ବୈଷମ୍ୟହୀନ ବାଙ୍ଗଲାଦେଶ ଗଠନ କରିବାପାଇଁ ଏହି ଅଭ୍ୟୁତ୍‌ଥାନରେ ହିନ୍ଦୁ ମୁସଲମାନ ନିର୍ବିଶେଷରେ ସମସ୍ତ ଧର୍ମ ଓ ସଂପ୍ରଦାୟର ଲୋକ ଐକ୍ୟବଦ୍ଧ ଭାବରେ ପ୍ରାଣ ଦେଇଛନ୍ତି। ସେମାନଙ୍କର ରକ୍ତର ଦାଗ ଏବେବି ଲିଭି ନାହିଁ। ସେମାନେ ବାଙ୍ଗଲାଦେଶରେ ଏହିଭଳି ବିଦ୍ୱେଶ ସୃଷ୍ଟିପାଇଁ ପ୍ରାଣ ଦେଇନାହାନ୍ତି। ସାମାଜିକ ଐକ୍ୟ ସ୍ଥାନରେ ସାଂପ୍ରଦାୟିକ ଐକ୍ୟ ସୃଷ୍ଟି ହେବା ଫଳରେ ବିଭକ୍ତି ବୃଦ୍ଧି ପାଇବ, ସାମାଜିକ ପରିବେଶରେ ବିଦ୍ୱେଶ ବୃଦ୍ଧିପାଇବ- ଏହି କଥାଟି ଆମେ ଆମ ଦଳ ପକ୍ଷରୁ ପୂର୍ବରୁ ଉଲ୍ଲେଖ କରିଛୁ। ଏହି ପଦକ୍ଷେପ ଗୁଡିକର ପ୍ରତିକ୍ରିୟାରେ ବର୍ତ୍ତମାନର ପରିସ୍ଥିତି ପୂର୍ବ ତୁଳନାରେ ଆହୁରି ଖରାପ ହୋଇଛି। ଗତ ଦୁଇଦିନ ମଧ୍ୟରେ ହିନ୍ଦୁ ସଂଗଠନ ଗୁଡିକର ସମାବେଶ ଉପରେ ହାମଲା ହୋଇଛି। ଯାହା ପୂର୍ବରୁ ହୋଇ ନଥିଲା। ହିନ୍ଦୁ ଓ ମୁସଲମାନ ସଂପ୍ରଦାୟର ପ୍ରତିକ୍ରିୟାଶୀଳ ଲୋକମାନେ ପରସ୍ପର ବିରୁଦ୍ଧରେ ବିଷୋଦଗାର କରୁଛନ୍ତି, ଯେଭଳି ହିନ୍ଦୁ ସଂପ୍ରଦାୟର ସାଧାରଣ ଲୋକଙ୍କ ଜୀବନ ଓ ସଂପଦ ବିପଦ ମୁଖରେ ପଡୁଛି, ସେହିଭଳି ସାଧାରଣ ଖଟିଖିଆ ଲୋକମାନଙ୍କର ନିରାପତ୍ତା ମଧ୍ୟ ବିଘ୍ନିତ ହେଉଛି। ଗତକାଲି ଆଇନଜୀବୀଙ୍କ ହତ୍ୟା ତାର ଇଙ୍ଗିତ ବହନ କରୁଛି। ଗଣଅଭ୍ୟୁତ୍‌ଥାନ ମଧ୍ୟ ଦେଇ ଗଢିଉଠିଥିବା ଐକ୍ୟ ବିପଦ ମୁଖରେ ପଡିଛି।

ସରକାରର ଦୁର୍ବଳ ଭୂମିକା ପାଇଁ ପରାଜିତ ଶକ୍ତିଗୁଡିକ ବିଭିନ୍ନ ଘଟଣାର ସୁଯୋଗ ନେଇପାରୁଛି। ଅଭ୍ୟୁତ୍‌ଥାନ ଘଟାଇଥିବା ଶକ୍ତିଗୁଡିକ ସହିତ ମତାମତ ବିନିମୟ କରିବା, ଐକ୍ୟ ଗଢିତୋଳିବା ବିପରିତରେ ଅମଲାତାନ୍ତ୍ରିକ ପଦ୍ଧତିରେ ରାଷ୍ଟ୍ର ପରିଚାଳନା ରାସ୍ତାରେ ବର୍ତ୍ତମାନର ସରକାର ଅଗ୍ରସର ହେଉଛନ୍ତି। ଉଗ୍ର ଇସ୍‌ଲାମପନ୍ଥୀମାନଙ୍କ ବିଭିନ୍ନ କାର୍ଯ୍ୟକଳାପକୁ ମଧ୍ୟ ସରକାର ଅଟକାଇ ପାରୁନାହିଁ। ଯେଉଁ ଧରଣର ସତର୍କତା ସହିତ ଏହି ସମସ୍ତ ବିଷୟ ସମାଧାନ କରିବା ଆବଶ୍ୟକଥିଲା, ତାହା କରିବାରେ ଏହି ସରକାର ବ୍ୟର୍ଥ ହୋଇଛି।

ମୂଲ୍ୟବୃଦ୍ଧି, ବେକାରିତ୍ୱ ସହିତ ଦେଶର ଅସଂଖ୍ୟ ସମସ୍ୟାକୁ ନେଇ ସମସ୍ତ ଧର୍ମ ଓ ସଂପ୍ରଦାୟର ଜନସାଧାରଣଙ୍କର ଐକ୍ୟବଦ୍ଧ ଗଣଆନ୍ଦୋଳନ ଗଢିତୋଳିବା ପ୍ରୟୋଜନ ଥିଲାବେଳେ ଧର୍ମଭିତ୍ତିରେ ଜନସାଧାରଣଙ୍କୁ ଭାଗ ଭାଗ କରିବା ଚକ୍ରାନ୍ତରେ ଅନେକ ଲୋକ ନବୁଝି ପାଦ ଦେବାକୁ ଯାଉଛନ୍ତି। ଆମେ ଆଶା କରିବୁ ସେମାନେ ଏହି ସଂକଟର ମୂହୂର୍ତ୍ତରେ ନିଜକୁ ସଂଯତ ରଖିବେ ଏବଂ ମୁକ୍ତ ମନରେ ବିଷୟଗୁଡିକୁ ଭାବି ଦେଖିବେ।

ଅବିଳମ୍ବେ ସମସ୍ତ ରାଜନୈତିକ ଦଳ ଏବଂ ସମସ୍ତ ଧର୍ମର ପ୍ରତିଷ୍ଠାନକୁ ନେଇ ଅବିଳମ୍ବେ ସମ୍ମିଳିତ ବୈଠକ ଆୟୋଜିତ କରିବାପାଇଁ ଆମେ ସରକାରଙ୍କୁ ଆହ୍ୱାନ ଜଣାଉଛୁ। ସମସ୍ତଙ୍କ ବିଶ୍ୱାସକୁ ନେଇ ଏବଂ ସେମାନଙ୍କର ସହଯୋଗୀତା ମାଧ୍ୟମରେ ଏହି ପରିସ୍ଥିତିର ମୁକାବିଲା କରିବାକୁ ହେବ।

Regd.No-ORI ORI/2011/37220 • VOL.NO. 11, ISSUE NO. 19 • ମୂଲ୍ୟ-୫ଟଙ୍କା

# ପୁରୀ ଜିଲାପାଳ ଅଫିସ ସମ୍ମୁଖରେ ବିଶାଳ ଚାଷୀ ମୂଲିଆ ସମାବେଶ




ଏଆଇକେକେଏମଏସ ପୁରୀ ଜିଲା କମିଟି ପକ୍ଷରୁ ନଭେମ୍ବର ୧୮ ତାରିଖ ଦିନ ଏକ ବିଶାଳ ଚାଷୀ, ମୂଲିଆ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଛି। ବିକ୍ଷୋଭରେ ସଙ୍ଗଠନର ପୁରୀ ଜିଲା କମିଟି ସମ୍ପାଦକ କମ୍ରେଡ ସୁବାସ ବରାଳ,ଜିଲା ସଭାପତି କମ୍ରେଡ଼ ଦୀନବନ୍ଧୁ ପରିଡା ଓ ବରିଷ୍ଠ ଚାଷୀ ନେତା କମ୍ରେଡ଼ ବଟକୃଷ୍ଣ ସ୍ୱାଇଁ ବକ୍ତବ୍ୟ ରଖିଥିଲେ। ପୁରୀ ଜିଲାରେ ଚାଷ ଜମିରେ ଜମି ରହୁଥିବା ଉଦବୃତ୍ତ ଜଳନିଷ୍କାସନ,ସ୍ୱାମୀନାଥନ କମିଶନ ରିପୋଟ ଅନୁଯାଇ ଫସଲର ଏମଏସପି ଧାର୍ଯ୍ୟକରିବା,୬୦ ବର୍ଷରୁ ଉର୍ଦ୍ଧ୍ୱ ଚାଷୀ ଓ ଭାଗ ଚାଷୀଙ୍କୁ ମାସିକ ୧୦,୦୦୦ ଟଙ୍କା ଭତ୍ତା ପ୍ରଦାନ,ଲୁଣାନଦୀରେ ଏକ ଆନିକଟ ନିର୍ମାଣ ଆଦି ୧୨ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ଗନ୍ଧମାର୍ଦ୍ଦନ ସୁରକ୍ଷା ଦାବିରେ ହେଉଥିବା ଆନ୍ଦୋଳନକୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ସମର୍ଥନ

ଗନ୍ଧମାର୍ଦ୍ଦନ ପର୍ବତକୁ ଘରୋଇ କମ୍ପାନୀ ହାତକୁ ଟେକିଦେବାର ଷଡ଼ଯନ୍ତ୍ର ପୁଣି ଆରମ୍ଭ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟରେ ଥିବା ପୁଞ୍ଜିପତି ଶ୍ରେଣୀର ସବୁଠାରୁ ବିଶ୍ୱସ୍ତ ଦଳ ବିଜେପି ଏହି ପର୍ବତକୁ ଆଦାନୀ କମ୍ପାନୀକୁ ଦେଇଦେବା ପାଇଁ କରିଥିବା ଗୋପନ ଯୋଜନା ବର୍ତ୍ତମାନ ପଦାରେ ପଡ଼ିଯାଇଛି। ସୂଚନାଯୋଗ୍ୟ ଯେ ଗନ୍ଧମାର୍ଦ୍ଦନ ହେଉଛି ଏସିଆ ମହାଦେଶର ଦ୍ୱିତୀୟ ପର୍ବତ ଯେଉଁଠି ବକ୍ସାଇଟ୍ ପ୍ରଚୁର ପରିମାଣରେ ଅଛି। ଏଠି ପୁଣି ୨୨ଟି ଚିରସ୍ରୋତା ଝରଣା ଉତ୍ସ ରହିଛି। ଏଥିସହିତ ଏଠି ମଧ୍ୟ ପ୍ରଚୁର ଔଷଧୀୟ ବୃକ୍ଷମାନ ରହିଛି । ବଲାଙ୍ଗିର, ବରଗଡ଼ ଓ ନୂଆପଡ଼ା ଜିଲ୍ଲାର ଲକ୍ଷ ଲକ୍ଷ ଲୋକ ନିଜ ଜୀବନ ଜୀବିକା ନିମନ୍ତେ ଏହି ପାହାଡ ଉପରେ ନିର୍ଭର କରନ୍ତି। ୧୯୮୫ ମସିହାରେ ତତ୍‌କାଳୀନ ରାଜ୍ୟ କଂଗ୍ରେସ ସରକାର ଏହି ପର୍ବତକୁ ବାଲକୋ ହାତରେ ଟେକିଦେବା ପାଇଁ ନେଇଥିବା ପଦକ୍ଷେପ ବିରୁଦ୍ଧରେ ଐତିହାସିକ ସଫଳ ଆନ୍ଦୋଳନ ସଂଗଠିତ ହୋଇଥିଲା। ୨୦୦୩ ମସିହାରେ ମଧ ବିଜେଡ଼ି-ବିଜେପି ମିଳିତ ସରକାର ତରଫରୁ ଏତାଦୃଶ ଚେଷ୍ଟା ହୋଇଥିଲା। ତେବେ ଆନ୍ଦୋଳନ ଚାପରେ ସରକାର ପଛକୁ ହଟିବାକୁ ବାଧ ହୋଇଥିଲେ। ବର୍ତ୍ତମାନ ପୁନର୍ବାର ବିଜେପି ସରକାର ଅତି ଚାଂଚକତା ଭାବେ ଗନ୍ଧମାର୍ଦ୍ଦନକୁ ଆଦାନୀ ହାତରେ ଟେକିଦେବା ପାଇଁ କରିଥିବା ଷଡଯନ୍ତ୍ର ବିରୁଦ୍ଧରେ ଏହି ଅଂଚଳରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ପକ୍ଷରୁ ବିଭିନ୍ନ ଧରଣର ଆନ୍ଦୋଳନ ଆରମ୍ଭ ହୋଇଯାଇଛି। ପୂର୍ବରୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଜିଲ୍ଲା ସମ୍ପାଦକ କମ୍ରେଡ ସୁନୀଲ ଭୋଇ, ଏଆଇ ଡିଏସଓ ଜିଲ୍ଲା ସଭପତି କମ୍ରେଡ୍ ମଧୁସୂଦନ ବାଗ, ଜିଲ୍ଲା ସମ୍ପାଦକ ଗୌରୀ ରାଉତ, ଏଆଇ ଡିୱାଇଓ ଜିଲ୍ଲା ସମ୍ପାଦକ ତାମସ ବେହେରାଙ୍କ ନେତୃତ୍ୱରେ ବହୁ ଯୁବ ଛାତ୍ର ଆନ୍ଦଳନରେ ସାମିଲ ହୋଇ ଆନ୍ଦୋଳନକୁ ସକ୍ରିୟ ସମର୍ଥନ ଦେଇଥିଲେ। ଡିସେମ୍ବର୯ ତାରିଖ ଦିନ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ଼ ଅଶୋକ ମିଶ୍ରଙ୍କ ନେତୃତ୍ୱରେ ଏକ ୧୦ ଜଣିଆ ଟିମ୍ ଖପ୍ରାଖୋଲ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଅନିର୍ଦ୍ଦିଷ୍ଟ ଗଣଧାରଣା ସ୍ଥଳକୁ ଯାଇ ଧାରଣାରେ ବସିଥିଲେ ଓ ଆନ୍ଦୋଳନର ସମର୍ଥନରେ ବକ୍ତବ୍ୟ ରଖି ଆଦାନୀ ହଟାଓ, ଗନ୍ଧମାର୍ଦ୍ଦନ ବଂଚାଅ ଆନ୍ଦୋଳନକୁ ଆହୁରି ତୀବ୍ର ଓ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ।

# ଏଆଇକେକେଏମଏସ ପକ୍ଷରୁ ଠାକୁରମୁଣ୍ଡା ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ




ନଭେମ୍ବର ୧୨ ତାରିଖରେ ଏଆଇକେକେଏମଏସ ଠାକୁରମୁଣ୍ଡା ବ୍ଲକ କମିଟି ପକ୍ଷରୁ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।ସଙ୍ଗଠନର ଠାକୁରମୁଣ୍ଡା ବ୍ଲକ କମିଟିର ସମ୍ପାଦକ କମ୍ରେଡ଼ ବାଜୁରାମ ସିଦ୍ଧୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭରେ ଏଆଇକେକେଏମଏସ ରାଜ୍ୟ ସମ୍ପାଦକ କମ୍ରେଡ଼ ରଘୁନାଥ ଦାସ ମୁଖ୍ୟ ବକ୍ତା ଭାବରେ ଯୋଗଦେଇଥିଲେ। କମ୍ରେଡ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସମ୍ପ୍ରତି ବିଜେପି ଦଳର ଡବଲ ଇଞ୍ଜିନ ସରକାର ଆଦିବାସୀ ତଥା ଜଙ୍ଗଲ ଅଧିବାସୀଙ୍କୁ ସେମାନଙ୍କର ଦଖଲିକୃତ ଜମିରୁ ଉଚ୍ଛେଦ କରିବା ପାଇଁ ଜଙ୍ଗଲ ଜମି ସଂରକ୍ଷଣ ସଂଶୋଧନ ଆଇନ ୨୦୨୩ ପ୍ରଣୟନ କରିଛି। କେନ୍ଦ୍ର ଓ ରାଜ୍ୟ ବିଜେପି ସରକାରଙ୍କ ଏତାଦୃଶ ଜନବିରୋଧୀ କାର୍ଯ୍ୟ ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ ଗଢିତୋଳିବା ପାଇଁ କମ୍ରେଡ ଦାସ ଡାକରା ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଏସୟୁସିଆଇ(କମ୍ୟୁନିଷ୍ଟ) ମୟୁରଭଞ୍ଜ ଜିଲା କମିଟିର ସମ୍ପାଦକ କମ୍ରେଡ଼ ସାଦ ବଦ୍ରା, ଏଆଇକେକେଏମଏସ ମୟୁରଭଞ୍ଜ ଜିଲା କମିଟିର ସଭାପତି କମ୍ରେଡ ଶ୍ୟାମ ବାନରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏମଏସପି କୁ ଆଇନର ଗ୍ୟାରେଣ୍ଟି ଦେବା, ୨୦୦୬ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଦଖଲିକୃତ ଜମିକୁ ପଟ୍ଟାଦେବା ଆଦି ୧୦ ଦଫା ଦାବି ସମ୍ବଳିତ ୨ଟି ସ୍ମାରକ ପତ୍ର ଠାକୁରମୁଣ୍ଡା ତହସିଲ ଦାର ଓ ବିଡିଓ ଙ୍କୁ ପ୍ରଦାନ କରାଯାଇଥିଲା।

★★★

# ପ୍ରୟତ କମ୍ରେଡ ଲକ୍ଷ୍ମୀଧର ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି



ଏସୟୁସିଆଇ ( କମ୍ୟୁନିଷ୍ଟ) କଟକ ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ ତଥା ପାର୍ଟି ର ପ୍ରବୀଣ ସଭ୍ୟ କମ୍ରେଡ ଲକ୍ଷ୍ମୀଧର ମହାନ୍ତି ନଭେମ୍ବର ୧୬ ତାରିଖ ଅପରାହ୍ନ ପ୍ରାୟ ୪.୩୦ ସମୟରେ ତାଙ୍କ ବାସ ଭବନରେ ହୃଦଘାତ ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ତାଙ୍କ ଅସମୟ ଓ ଅକସ୍ମାତ ମୃତ୍ୟୁରେ ପାର୍ଟି କର୍ମୀ, ସମର୍ଥକ ଓ ଦରଦୀ ବନ୍ଧୁ ମାନଙ୍କ ମଧ୍ୟରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ରେଭେନ୍ସା କଲେଜ ( ବର୍ତ୍ତମାନ ବିଶ୍ୱବିଦ୍ୟାଳୟ ) ରେ ଛାତ୍ର ଥିଲାବେଳେ ୧୯୭୦ ଦଶକର ମଧ୍ୟ ଭାଗରେ କମ୍ରେଡ ମହାନ୍ତି ବିପ୍ଳବୀ ଛାତ୍ର ସଂଗଠନ ଏଆଇଡିଏସଓ ର ସଂସ୍ପର୍ଶରେ ଆସିଥିଲେ। ଏହା ପରେ ଜରୁରୀକାଳୀନ ପରିସ୍ଥିତି ସମୟରେ ପାର୍ଟି ପରିଚାଳନାରେ ଗଠିତ 'ଗୋପବନ୍ଧୁ ଶତବାର୍ଷିକୀ କମିଟି' ର କାର୍ଯ୍ୟକ୍ରମ ତାଙ୍କୁ ପାର୍ଟି ସହିତ ଆହୁରି ଘନିଷ୍ଠ କରିଥିଲା। ଭାରତୀୟ ଜୀବନବୀମା ନିଗମ ର କଟକ ଶାଖାରେ କାମ କରୁଥିଲା ବେଳେ ସେ ମହାନ୍ ନେତା କମ୍ରେଡ ଶିବଦାସ ଘୋଷଙ୍କ ଚିନ୍ତା ଶିକ୍ଷାକୁ ଜୀବନର ଆଦର୍ଶ ଭାବରେ ଗ୍ରହଣକରି ପାର୍ଟିରେ ଯୋଗଦେଇଥିଲେ। ସେହି ସମୟରୁ ମୃତ୍ୟୁ ପର୍ଯ୍ୟନ୍ତ ଦୀର୍ଘ ଅର୍ଦ୍ଧଶତାବ୍ଦୀ ରୁ ଅଧିକ ସମୟ ଧରି ବହୁ ଉତ୍‌ଥାନ ପତନ ମଧ୍ୟରେ ବି କମ୍ରେଡ ମହାନ୍ତି ଦୃଢ଼, ଏକନିଷ୍ଠ ଓ ଅବିଚଳିତ ଭାବରେ ପାର୍ଟି ସହିତ ରହିଥିଲେ ଏବଂ ପାର୍ଟି ନେତୃତ୍ୱ ପ୍ରତି ଗଭୀର ଓ ଅବିଚଳ ଅସ୍ଥା ସ୍ଥାପନ କରିଥିଲେ।

କମ୍ରେଡ ମହାନ୍ତି ପାର୍ଟି ର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ ଏବଂ କଟକ ସହର ବ୍ୟତୀତ ତାଙ୍କ ପୈତୃକ ଗ୍ରାମ ଜଗତସିଂପୁର ଜିଲ୍ଲାର ବିରିଡ଼ି ବ୍ଲକର ଆଲାଣ୍ଡୋ ଅଂଚଳରେ ପାର୍ଟି ସଂଗଠନ ଗଢିତୋଳିବା ପାଇଁ ନିରଳସ ଉଦ୍ୟମ କରିଥିଲେ। ୧୯୮୨ ମସିହାରେ ସମଗ୍ର ରାଜ୍ୟରେ ପ୍ରଳୟଙ୍କରୀ ବନ୍ୟାରେ ଦଳେଇଘାଇ ଭାଙ୍ଗିବା ଫଳରେ ବିରିଡ଼ି ଓ ଜଗତସିଂପୁର ବ୍ଲକ୍ ବିସ୍ତୀର୍ଣ୍ଣ ଅଂଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ଜନସାଧାରଣଙ୍କର ଏହି ଦୁର୍ଦ୍ଦିନରେ ବିରିଡ଼ି ଅଂଚଳରେ ପାର୍ଟି ପକ୍ଷରୁ ମାସ ମାସ ଧରି କରାଯାଇଥିବା ରିଲିଫ କାର୍ଯ୍ୟକ୍ରମରେ କମ୍ରେଡ ମହାନ୍ତି ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଳନ କରିଥିଲେ। ୧୯୯୯ ମହାବାତ୍ୟା ପରେ ମଧ ରିଲିଫ କାମରେ ସେ ମନ ପ୍ରାଣ ଢାଳି ଦେଇଥିଲେ।

ପଢା ପଢ଼ିରେ କମ୍ରେଡ ଲକ୍ଷ୍ମୀଧର ମହାନ୍ତିଙ୍କର ଗଭୀର ରୁଚି ରହିଥିଲା। କମ୍ରେଡ ଶିବଦାସ ଘୋଷଙ୍କ ରଚନାବଳୀ, ଅନ୍ୟାନ୍ୟ ଚିରାୟତ ମର୍କ୍ସବାଦୀ ସାହିତ୍ୟ ବ୍ୟତୀତ ଓଡ଼ିଆ, ବଙ୍ଗଳା, ଇଂରାଜୀ ଓ ଋଷୀୟ ସାହିତ୍ୟ, ବିଶେଷ କରି ଶରତ ସାହିତ୍ୟର ସେ ଜଣେ ମୁଗ୍ଧ ପାଠକ ଥିଲେ। ତାଙ୍କ ମୃତ୍ୟୁରେ ପାର୍ଟି ଜଣେ ନିର୍ଭରଯୋଗ୍ୟ ବିପ୍ଳବୀ ଯୋଦ୍ଧା ଙ୍କୁ ହରାଇଲା।

**କମ୍ରେଡ ଲକ୍ଷ୍ମୀଧର ମହାନ୍ତି**
**ଲାଲ ସଲାମ**

*ଗତ ନଭେମ୍ବର ୨୭ ତାରିଖରେ ତାଙ୍କ ଗ୍ରାମ ଆଲାଣ୍ଡୋ ଚୂନ ପଡ଼ିଆ ଛକରେ ପାର୍ଟି ବିରିଡ଼ି ଆଂଚଳିକ ସାଂଗଠନିକ କମିଟି ଉଦ୍ୟୋଗରେ କମ୍ରେଡ ଲକ୍ଷ୍ମୀଧର ମହାନ୍ତିଙ୍କ ସ୍ମରଣ ସଭା ଅନୁଷ୍ଠିତ ହୋଇଥିଲା। ଆଂଚଳିକ ସାଂଗଠନିକ କମିଟି ସମ୍ପାଦକ କମ୍ରେଡ ମଙ୍ଗୁଳି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପାର୍ଟି ଜଗତସିଂହପୁର ଜିଲ୍ଲା ସାଂଗଠନିକ କମିଟିର ସମ୍ପାଦକ କମ୍ରେଡ ସୁବାସ ସ୍ୱାଇଁ, ଜିଲ୍ଲା ସାଂଗଠନିକ କମିଟି ସଭ୍ୟ କମ୍ରେଡ ପ୍ରଦୀପ୍ତ ରାମ, ପ୍ରମୋଦିନୀ ମିଶ୍ର, କଟକ ଜିଲ୍ଲା କମିଟି ସଭ୍ୟ, ଶ୍ରମିକ ନେତା କମ୍ରେଡ ରାଜକିଶୋର ମଲ୍ଲିକ, ସିପିଆଇ ନେତା କମ୍ରେଡ ତ୍ରୈଲୋକ୍ୟନାଥ ଜେନା , ବିଧାନଚନ୍ଦ୍ର ଜେନା, ବିରିଡ଼ି ଅଂଚଳର ବିଶିଷ୍ଟ ବ୍ୟକ୍ତି ଶ୍ରୀଯୁକ୍ତ ଗୋପୀନାଥ ନାୟକ, କମ୍ରେଡ ଆଦୈ୍ୱୟତ ଜେନା, କରୁଣାକର ବେହେରା, ଅଭିମନ୍ୟୁ ଭୋଇ, ଗଙ୍ଗାଧର ଦାସ, ଆଲୋକ ଭୋଇ ଓ ଦୀପକ ଭୋଇଙ୍କ ସମେତ ଶତାଧିକ ଗ୍ରାମବାସୀ ସଭାର ଯୋଗ ଦେଇଥିଲେ।*

# ସହିଦ ବିର୍ସା ମୁଣ୍ଡା ଙ୍କ ୧୫୦ ତମ ଜୟନ୍ତୀ ଯଶିପୁର ଠାରେ ପାଳିତ




ଅଲ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟିର ଆହ୍ୱାନ କ୍ରମେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଆଦିବାସୀ ନେତା ବୀର ସହିଦ ବିର୍ଶା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଦେଶ ବ୍ୟାପୀ ପାଳିତ ହୋଇଯାଇଛି। ଏହି ଅବସର ରେ ଯଶିପୁର ବ୍ଲକ ଅନ୍ତର୍ଗତ ଚାକିଡ଼ି ପଂଚାୟତ ନାମାସାହି ସହିଦ ବିର୍ସା ମୁଣ୍ଡା ଛକ ଠାରେ ସ୍ଥାପିତ ସହିଦ ବିର୍ସା ମୁଣ୍ଡା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅଲ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟିର ସଭାପତି ତଥା ଯଶିପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଶମ୍ଭୁନାଥ ନାଏକ ପ୍ରଥମେ ମାଲ୍ୟାର୍ପଣ କରିଥିଲେ, ଏହା ବ୍ୟତୀତ ସର୍ବଶ୍ରୀ ଗାନ୍ଧୀ କାରୁଆ, ଚନ୍ଦ୍ରମୋହନ ସଏ, ଲଲି ମହାନ୍ତ, ଦେବେନ୍ଦ୍ର ଜାମୁଦା, ସୁଶାନ୍ତ ମୁର୍ମୁ, ଚାମ୍ପୁ ଜେରାଏ, ଓ ଜଗବନ୍ଧୁ ମଲିକ ଙ୍କ ସମେତ ବହୁ ଛାତ୍ର, ଯୁବକ, ମହିଳା, ମାଲ୍ୟାର୍ପଣ କରିଥିଲେ। ଏହି ଉପଲକ୍ଷେ ମୂର୍ତ୍ତିର ପାଦ ଦେଶରେ ଦିନେଶ କାରୁଆଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା, ସଭାରେ କମ୍ରେଡ୍ ଶମ୍ଭୁନାଥ ନାଏକ ମୁଖ୍ୟବକ୍ତା ଭାବରେ ଯୋଗଦେଇ କହିଥିଲେ ଯେ, ବିର୍ସା ମୁଣ୍ଡା ଆଦିବାସୀ ମାନଙ୍କ ଜଙ୍ଗଲ, ଜମି ର ଅଧିକାର ପାଇଁ ସେତେବେଳର ଶାସକମାନଙ୍କ ଲଢେଇ କରୁଥିବା ବେଳେ ଆଜି ଯେଉଁ ମାନେ କ୍ଷମତାସୀନ ସେମାନେ ଶହ ଶହ ବର୍ଷ ଧରି ଜଙ୍ଗଲରେ ବସବାସ କରୁଥିବା ଜଙ୍ଗଲ ଅଧିବାସୀଙ୍କୁ ଜଙ୍ଗଲରୁ ଉଛେଦ କରିବା ପାଇଁ ୨୦୨୩ ଜଙ୍ଗଲ ସଂରକ୍ଷଣ ଆଇନ ପ୍ରଣୟନ କରିଛନ୍ତି, ଶ୍ରୀ ନାଏକ ଏହାର ଦୃ ଢ ନିନ୍ଦା କରିବା ସଙ୍ଗେ ସଙ୍ଗେ ଏହି ଆଇନକୁ ପ୍ରତ୍ୟାହାର କରିବା ପାଇଁ ଅଲ ଇଣ୍ଡିଆ ଜନ ଅଧିକାର ସୁରକ୍ଷା କମିଟି ଆନ୍ଦୋଳନ ଜାରି ରଖିଛିବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ମୁର୍ମୁ, ଦେବେନ୍ଦ୍ର ଜାମୁଡା, ଗାନ୍ଧୀ କାରୁଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରଇବାରି ଜେରାଏ, ସସ୍ମିତା ହେମ୍ବ୍ରମଓ ସନୁ ମୁର୍ମୁ ଏହି କାର୍ଯ୍ୟ କ୍ରମ ପରିଚଳନା ରେ ସହଯୋଗ କରିଥିଲେ।

Printed,Published and owned by Sri Bishnu Das, Printed at Serene Graphics,337-Jagannath Vihar, Lane-12,Baramunda, BBSR-3 and Published at plot No. 61/2082, Gangotrinagar, Bhubaneswar-2. District Khurda, Odisha E-mail: sarbaharakranti@yahoo.co.in, sarbaharakranti@gmail.com, Website : sarbaharakranti.org
Editor : Bishnu Das